ନଟରାଜ୍ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ନାଟକ ହେଉଛି ସମାଜର ପ୍ରତିଛବି





## ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା 'ଭସ୍ମାସୁରର କଥା'

ଭଦ୍ରକ,୧୧।୧(ସମିସ)

ଓଡିଆ ନାଟ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିବା ଦିଗରେ ଭଦ୍ରକର ଅବଦାନ ଅତୁଳନୀୟ। ଭଦ୍ରକ ମାଟିର ନାଟ୍ୟକାରମାନେ ନିଜସ୍ୱ ଶୈଳୀରେ ଓ ଉନ୍ନତ ମାନର ନାଟକ ରଚନା କରି ଓଡିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନାଟକ ହେଉଛି ସମାଜର ଏକ ପ୍ରତିଛବି। ନାଟକ ସାମାଜିକ ଜୀବନକୁ ପ୍ରଭାବିତ କରିବା ସହ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେବେ ଭଦ୍ରକ ମାଟିରୁ ନାଟକ ଲୋପ ପାଇବାକୁ ବସିଥିବା ବେଳେ ଅଗ୍ରଣୀ ନାଟ୍ୟ ସଂସ୍ଥା ନଟରାଜ ସାଂସ୍କୃତିକ ଅନୁଷ୍ଠାନ ନାଟକ ମଞ୍ଚସ୍ଥ କରି ନାଟ୍ୟ ପରମ୍ପରାକୁ ବଞ୍ଚାଇବାକୁ ଯେଉଁ ପ୍ରୟାସ ଜାରି ରଖିବା ଖୁବ୍ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ଟାଉନ ହଲ ଠାରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକବିଂଶତମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବ-୨୦୨୪ର ଉଦଘାଟନୀ ଅବସରରେ ଅତିଥିମାନେ କହିଥିଲେ ଯେ, ରାଜ୍ୟ ସରକାର ଏବେ ସମଗ୍ର ଓଡିଶାର କଳା, ସଂସ୍କୃତି ଓ ଭାଷା ସାହିତ୍ୟର ସୁରକ୍ଷା ପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। କଳାକାର ଭତ୍ତା ଠାରୁ ଆରମ୍ଭ କରି ନାଟ୍ୟମଣ୍ଡପ ନିର୍ମାଣ, ଅଡିଟରିୟମ, ଆଦି ନିର୍ମାଣ ପାଇଁ ସବୁ ଜିଲ୍ଲାମାନଙ୍କରେ ଉଦ୍ୟମ ଜାରି ରଖିଛନ୍ତି । ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅଡିଟରିୟମ, ନାଟ୍ୟମଣ୍ଡପ ଆଦି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପାଖାପାଖି ୨୦କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଥିବା ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ସୂଚନା ଦେଇଥିଲେ। ଏହି ଉଦଘାଟନୀ ଉତ୍ସବରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଯୋଗଦେଇ କଳାକାରଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଟରାଜ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନାଟ୍ୟକାର ଡ.ସୁଧାଂଶୁଶେଖର ନାୟକ ୪ଦିନ ବ୍ୟାପି ପରିବେଷିତ ହେବାକୁ ଥିବା ନାଟକ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ଶିବପ୍ରସାଦ ମହାନ୍ତି ଆଜି ପ୍ରଥମ ଦି ବସରେ ନଟରାଜ ଅନୁଷ୍ଠାନ ପକ୍ଷରୁ ନାଟ୍ୟକାର ଡ.ସୁଧାଂଶୁ ନାୟକଙ୍କ ରଚିତ ଓ ତାପସ ସ୍ୱାଇଁ ନିର୍ଦ୍ଦେଶିତ ମଞ୍ଚସ୍ଥ ହେବାକୁ ଥିବା ନାଟକ 'ଭସ୍ମାସୂର ର କଥା' କାହାଣୀ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ନରେନ୍ଦ୍ର ପରିଡା, କଳାକାର କାଳନ୍ଦୀ ମଲ୍ଲିକଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଓକିଲ ସଂଘ ସଭାପତି ନିରାକାର ଜେନା, ସମାଜସେବୀ ଅଜୟ ନାୟକ, ବରିଷ୍ଠ ଆଇନଜୀବୀ ଅରୁଣ ଚାନ୍ଦ, କଲ୍ୟାଣ କୁମାର ଦାସ, ଗଦାଧର ବଳ, ଲଲାଟେନ୍ଦୁ ମହାନ୍ତି ଓ ଅଟଳବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ଆୟୋଗ ସଦସ୍ୟଙ୍କ ବନ୍ତ ବ୍ଲକ ଗସ୍ତ

**ଭଦ୍ରକ,୧୧।୧(ସମିସ):** ଓଡ଼ିଶା ଖାଦ୍ୟ ଆୟୋଗର ସଦସ୍ୟ ଦୟାନିଧି ଦାଶ ଆଜି ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକକୁ ଅଚାନକ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ସଦସ୍ୟ ବନ୍ତ ବ୍ଲକ୍‌ର ପ୍ରାୟେ ୨୦ଟି ସ୍ଥାନ ପରିଦର୍ଶନ କରି ବ୍ୟବସ୍ଥା ଯାଞ୍ଚ କରିଥିଲେ। ବ୍ଲକ୍‌ର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ବିଳମ୍ବରେ ଆସୁଥିବା, କେତେକ କେନ୍ଦ୍ରରେ ଡିଜିଟାଲ ଓଜନ ଯନ୍ତ୍ର ଖରାପ ହୋଇଥିବା ଏବଂ ଗୋଟିଏ କେନ୍ଦ୍ରରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଇନଥିବା ସଦସ୍ୟଙ୍କ ଦୃଷ୍ଟିରୁ ଆସିଥିଲା। ଏଥିପାଇଁ ସଦସ୍ୟ ଶ୍ରୀ ଦାଶ ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ସତର୍କ କରାଇବା ସହ ଅସନ୍ତୋଷ ପ୍ରକଟ କରିଥିଲେ। ସଦସ୍ୟ ଆଜି ଗଣିଜାଙ୍ଗ, ହାସିନାପୁର-୨, କଣ୍ଟିଆ-୧, ବେଲଦା, ତୁଣ୍ଡା, ଅଣ୍ଡିଆ, ଷେଣ୍ଡତୀରା ପୂର୍ବ, ସିଆଳିଆ, ନିଳକ, ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖିବା ସହ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ତଦାରଖ କରିଥିଲେ। ଅଙ୍ଗନବାଡ଼ି ପରିଦର୍ଶନ ବେଳେ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ ଦିନ ହିଁ ପୋଷଣ ଆପ୍‌ରେ ଅପଡ଼େଟ୍ କରିବାକୁ ପରାମର୍ଶ ଦେଇଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ବ୍ୟତୀତ ମାନ୍ୟବର ସଦସ୍ୟ କଣ୍ଟିଆ ୟୁପି ସ୍କୁଲ, ବେଲଦା ମୁଣ୍ଡାସାହି ପ୍ରାଥମିକ ବିଦ୍ୟାଳୟ, ତୁଣ୍ଡା ସରକାରୀ ୟୁପି ସ୍କୁଲ ଅଣ୍ଡିଆ ସରକାରୀ ନୋଡ଼ାଲ ୟୁପି ସ୍କୁଲ, ଷେଣ୍ଡତୀରା ନୋଡ଼ାଲ ୟୁପି ସ୍କୁଲ, ଜନାର୍ଦ୍ଦନ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଳିଆ ନୋଡ଼ାଲ ହାଇସ୍କୁଲ, ହରିହର ସରକାରୀ ନୋଡ଼ାଲ ସ୍କୁଲ, ପଧାନପଡ଼ା ପଂଚାୟତ ହାଇସ୍କୁଲ ବନ୍ତ ମହତାବ ସରକାରୀ ୟୁପି ସ୍କୁଲ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ତଦାରଖ କରିବା ସହ ଖାଦ୍ୟର ମାନ ତନଖି ଥିଲେ। ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ବ୍ୟବସ୍ଥା ଓ ବିଦ୍ୟାଳୟ ପରିସରରେ ପରିବେଶ ଉପରେ ଧ୍ୟାନ ଦେବାକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।



## ଉଦ୍ୟାନ କୃଷି କର୍ମଶାଳା

**ଭଣ୍ଡାରିପୋଖରୀ,୧୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବନ୍ଧାଲୋ-ମଢିଆଳି ପଞ୍ଚାୟତ କଲ୍ୟାଣମଣ୍ଡପରେ ଗୁରୁବାର ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶନୀ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ଭଦ୍ରକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିନୋଦ କୁମାର ଜେନା, ଧାମନଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାରୀ ମିଶ୍ର, ସ୍ଥାନୀ ସହକାରୀ କୃଷି ଅଧିକାରୀ ସଞ୍ଜିବ କୁମାର ମଲ୍ଲିକ କର୍ମଶାଳାରେ ଯୋଗଦେଇ ସରକାରଙ୍କ ଉଦ୍ୟାନକୃଷି ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ କୃଷକମାନଙ୍କୁ ବିସ୍ତୃତ ଭାବେ ବୁଝାଇ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସହକାରୀ ଉଦ୍ୟାନ କୃଷି ପରିଦର୍ଶକ କଲ୍ୟାଣ କୁମାର ପାଣିଗ୍ରାହୀ, ସହକାରୀ ଉଦ୍ୟାନ କୃଷି କର୍ମଚାରୀ ଚିତ୍ତରଞ୍ଜନ କର ଓ ଅବକାଶ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳମଣ୍ଡୁଆ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

**ଭଣ୍ଡାରିପୋଖରୀ,୧୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଳମଣ୍ଡୁଆ ପଞ୍ଚାୟତ ମଙ୍ଗୁଳିଆସାହିରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନେତା ସୁଶାନ୍ତ ରାଉତ, ସମିତି ସଭ୍ୟ ଜଗତ ଜ୍ଜିବନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ଯୁବ ଉପସଭାପତି ପ୍ରଣିତକାନ୍ତି ସାମଲ, ହେମନ୍ତ ଜେନା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁନନ୍ଦ ଯେନା, ଗଙ୍ଗାଧର ଯେନା, ନିରଞ୍ଜନ ନାୟକ, ରତ୍ନାକର ସେଠୀ, କାଶୀନାଥ ରଣା, ପ୍ରଫୁଲ୍ଲ ମୁଦୁଲି, ଗଣେଷ ବେହେରା, ହରିହର ବେହେରା, ଦିପୁନୁ ବେହେରା, ବୈଷ୍ଣବ ବେହେରା, ଭାବଗ୍ରାହୀ ପେଡା, ପୁରୁଷୋତ୍ତମ ସେଠୀ, ପ୍ରଫୁଲ୍ଲ ପଣ୍ଡା, ଉତ୍ତମ ରଣା ପ୍ରମୁଖ ଅନ୍ୟଦଳ ପରିତ୍ୟାଗ କରି ବିଜେଡିରେ ଯୋଗଦେଇଥିଲେ। ନବାଗତମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ଦଳକୁ ସ୍ୱାଗତ କରାଯାଇଥିଲା। ଦଳୀୟ ନେତା କୁଶଦେବ ପେଡା, ବାସୁଦେବ ବେହେରା, ରତ୍ନାକର ଭୂୟାଁ, ବାସୁଦେବ ବେହେରା, ରଶ୍ମିରଞ୍ଜନ ପେଡା, ଉଦ୍ଧବ ପ୍ରଧାନ, କିଶୋର ସାମଲ, ମୁକେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଚାଉଳ ବଣ୍ଟନ କେନ୍ଦ୍ରରେ ବ୍ୟାନର ଚିରା ଘଟଣାରେ ଥାନାରେ ଅଭିଯୋଗ

**ଦୋବଲ,୧୧।୧(ସମିସ):** ଦୋବଲ ଜୋନ ଅନ୍ତର୍ଗତ ମୁସ୍ତାଫାପୁର ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧୀକାରୀଙ୍କୁ ମାଗଣା ଚାଉଳ ବଣ୍ଟନ ପାଇଁ ମୁସ୍ତାଫାପୁର ପଞ୍ଚାୟତ ନିକଟସ୍ଥ କାଳୀବଜାର ଠାରେ ସରକାରୀ କଣ୍ଟ୍ରୋଲ ଦୋକାନରେ ମା'ମଙ୍ଗଳା ଏସ୍‌ଏଚ୍‌ଜି ମାଧ୍ୟମରେ ବଣ୍ଟନ କରାଯାଉଥିଲା। ଉକ୍ତ ଅଞ୍ଚଳର ଗୋଲାମ ମୁସ୍ତାଫା ଖାଁ ଦାୟିତ୍ୱରେ ଚାଉଳ ବଣ୍ଟନ କରୁଥିଲେ ଏବଂ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ବ୍ୟନର ମାରିଥିଲେ। ବୁଧବାର ଦିନ ଉକ୍ତ ଦୋକାନରେ ଚାଉଳବଣ୍ଟନ ବେଳେ ମୁସ୍ତାଫାପୁର ପଞ୍ଚାୟତର ରଘନାଥପୁର ଗ୍ରାମର ରାଜୀବ ମାଝୀ ଅଚାନକ ଭାବେ ଆସି ସରକାରୀ ସୂଚନା ବ୍ୟାନରକୁ ଚିରିବା ସହ ଚାଉଳ ବାଣ୍ଟୁଥିବା ଗୋଲାମ ମୁସ୍ତାଫାକୁ ଅଟକ ରଖି ଗାଳିଗୁଲଜ କରିବା ସହ ଧମକ ଦେବା, ଏପରିକି ସେଠାରେ ଭଙ୍ଗାରୁଜା କରିଥିବା ଭଳି ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଧାମନଗର ଥାନରେ କେଶ ନମ୍ବର ୧୭/୧ ରେ ମାମଲା ରୁଜୁ କରିଛି।

## ବ୍ୟାଙ୍କ ମିତ୍ରଙ୍କୁ ଲାପଟପ୍ ବଣ୍ଟନ

**ମଞ୍ଜୁରୀରୋଡ୍,୧୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ୟାଙ୍କ ମିତ୍ରମାନଙ୍କୁ ଆଜି ଲ୍ୟାପଟପ୍ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ମିଶନ ଶକ୍ତି ବ୍ଲକ ସଂଯୋଜକ ସୁବ୍ରତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମୁଖ୍ୟଅତିଥି ବିଧାୟକ ପ୍ରଫୁଲ୍ଲ ସାମଲ ମହିଳାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସାମାଜିକ ଓ ଅର୍ଥନୈତିକ ଭାବେ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ୮ଜଣ ବ୍ୟାଙ୍କମିତ୍ରଙ୍କୁ ଶ୍ରୀ ସାମଲ ଲ୍ୟାପ୍‌ଟପ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାଶ, ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସିଡିପିଓ ନିର୍ଝରଣୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସାଂସଦ ପ୍ରତିନିଧି ଲଳିତ ରାଉତ, ବ୍ଲକ ମହାସଂଘ ସଭାନେତ୍ରୀ ଅର୍ଣ୍ଣପୂର୍ଣ୍ଣା ପଣ୍ଡା, ସଂପାଦିକା ବସନ୍ତ ମଞ୍ଜରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଏଲସି ନୀତା ଦଳେଇ, କାଞ୍ଚନବାଳା ମଲ୍ଲିକ,ସୀମାରାଣୀ ପଣ୍ଡା, ସୁଜାତା ପଣ୍ଡା, ଆରତୀ ସାମଲ, ପ୍ରମିଳା ବେହେରା, ଗୀତାରାଣୀ ସାମଲ, ଜ୍ୟୋସ୍ନା ପଣ୍ଡା, ଅନୁପମା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## 'ମୁକ୍ତା' ର ସଫଳ ରୂପାୟନ ନେଇ ତାଲିମ କାର୍ଯ୍ୟକ୍ରମ



**ଭଦ୍ରକ,୧୧।୧(ସମିସ):** ଭଦ୍ରକ ପୌରାଞ୍ଚଳ ଅଧୀନ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆଜି ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ର ତୃଣମୂଳ ସ୍ତରରେ ସଫଳ ରୂପାୟନ ନେଇ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା(ସୁଡା) ପକ୍ଷରୁ ମିଶନ ଶକ୍ତି ଗୋଷ୍ଠୀ ସମୂହ ଓ ପୌରସଂସ୍ଥା ଅଧିକାରୀମାନଙ୍କ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଭଦ୍ରକ ପୌରପାଳିକା ସମେତ ବାଲେଶ୍ୱର, ବାସୁଦେବପୁର, ନୀଳଗିରି, ଜଳେଶ୍ୱର, ଧାମନଗର ଓ ଚାନ୍ଦବାଲି ପୌରପାଳିକା/ନଗରପାଳିକାରୁ ୬୦ଜଣ ଏସଏଚ୍‌ଜି ସଦସ୍ୟ ମାଷ୍ଟରଟ୍ରେନର ଭାବେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଯୁଗ୍ମ ସଚିବ ଓ ନିର୍ଦ୍ଦେଶକ-ସୁଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସାରଦାପ୍ରସନ୍ନ ପଣ୍ଡା ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ସୁଡାରୁ ଅଭିଜ୍ଞ ତାଲିମଦାତାମାନେ ଏହି କାର୍ଯ୍ୟକ୍ରମରେ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପର ଚିହ୍ନଟିକରଣ ପ୍ରକ୍ରିୟା, ୱାର୍ଡ ଅର୍ଡର ଏବଂ ତା' ସହିତ ପ୍ରଦାନ କରାଯାଉଥିବା ଡକ୍ୟୁମେଣ୍ଟ, ମଷ୍ଟରରୋଲ, ବ୍ୟାଙ୍କରଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ, ନିର୍ମାଣ କାର୍ଯ୍ୟର ମାପ ଏବଂ ଶ୍ରମିକ ମାନଙ୍କୁ ମଜୁରୀ ଦେୟ,ବିଲ ଏବଂ ଦେୟ ରେକର୍ଡ ରକ୍ଷଣାବେକ୍ଷଣ ଆଦି ବିଭିନ୍ନ ପ୍ରସଙ୍ଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ସୁଡା ର ପିଡି ମାନସ ରଞ୍ଜନ ରାୟ ଓ ଭଦ୍ରକ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୨ତାରିଖ ଅନୁଷ୍ଠିତ ହୋଇ ଶେଷ ହେବ ବୋଲି ଜଣାଯାଇଛି।

## ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ପଦ୍ମପୁର,୧୧।୧(ସମିସ):** ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ସ୍ଥିତ ଜୟକୃଷ୍ଣ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଛି। କ୍ରୀଡା ଉତ୍ସବ ଆରମ୍ଭ ପୂର୍ବରୁ ଗ୍ରାମ ପଂଚାୟତର ଅଧିଷ୍ଠାତ୍ରୀ ଦେବୀ ମା'କନକ ସୁନ୍ଦରୀ ମନ୍ଦିରରୁ ମଶାଲ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାକୁ ପଦ୍ମପୁର ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ ଶୁଭାରମ୍ଭ କରିଥିଲେ। ସେହିପରି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ସଭାପତିତ୍ୱ ପ୍ରଧାନ ଶିକ୍ଷକ କାର୍ତିକ ଚନ୍ଦ୍ର ପତି କରିଥିବା ବେଳେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ରମାକାନ୍ତ ନାୟକ ଓ ସମ୍ମାନିତ ଅତିଥିଭାବେ ବିଷ୍ଣୁମୋହନ ସାହୁ ଯୋଗଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ୨୦୨୨-୨୩ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଅମିତ ନାୟକ, ୨ୟ ମନୋଜ ପଣ୍ଡା ଓ ୩ୟ ସ୍ଥାନ ଅଧିକାର କରିଥିବା ଅଶେଷ ଦାସଙ୍କୁ ସମ୍ବର୍ଧିତ କରାଯାଇଥିଲା।

# ଲୋକକଳା ଜରିଆରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ

ଭଦ୍ରକ,୧୧।୧(ସମିସ)



ଓଡ଼ିଶା ସରକାରଙ୍କ ଓଡ଼ିଶା ଭାଷା ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଚଳିତ ଜାନୁୟାରୀ ମାସର ଶେଷ ସପ୍ତାହରୁ ଆରମ୍ଭ ହୋଇ ଫେବୃଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଲୋକକଳା ଜରିଆରେ ସୂଚନା, ଶିକ୍ଷା ଓ ଯୋଗଯୋଗ କାର୍ଯ୍ୟକ୍ରମ ଉପଲକ୍ଷେ ଭଦ୍ରକ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ମାଷ୍ଟର ଟ୍ରେନର୍ ଭାବେ ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ଯୋଗଦେଇ ଏହି ଅଭିଯାନର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପାଲା, ଦାସକାଠି, ଘୋଡ଼ାନାଚ, ସଂକୀର୍ତ୍ତନ, ମୋଗଲ ତାମସା, ଏକତାରା, ତେଲିଙ୍ଗିବାଇଦ, ସମର କଳା, ଢୋଲ ମହୁରୀ, ଖଞ୍ଜଣି ଭଜନ, ଢୋଲକ ବାଦ୍ୟ, ଚଢ଼େୟାନାଟ ଆଦି ବିଭିନ୍ନ ଲୋକକଳା ଜରିଆରେ ଜନ ସାଧାରଣଙ୍କ ମନକୁ ଛୁଇଁଲା ଭଳି ନିର୍ଦ୍ଧାରିତ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ଓ ଶିକ୍ଷା ପରିବେଷଣର ତରିକା ଉପରେ ସେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିବା ପରିବହନ ବିଭାଗ ଜିଲ୍ଲା ମ୍ୟାନେଜର ରାଇଜୁଲ ହକ ଲକ୍ଷ୍ମୀବସ୍ ଯୋଜନା ସମ୍ବନ୍ଧରେ ଓ ଅତିରିକ୍ତ ଏଲ୍‌ଡି.ଏମ୍ ଶୁଭ୍ରାଂଶୁ ଶେଖର ସାହୁ ଯୋଗଦେଇ ଆମ ବ୍ୟାଙ୍କ ଯୋଜନା ସମ୍ବନ୍ଧରେ ସୂଚନା ଓ ଶିକ୍ଷା ପ୍ରଦାନ କରିଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଧାମନଗର ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ୍, ଭଦ୍ରକ କଳା ସଂସ୍କୃତି ସଂଘର ଉପସଭାପତି ପ୍ରଶାନ୍ତ ବେହେରା, ବନ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ନବ ଲେଙ୍କା, ତିହିଡ଼ିର ଭାଗୀରଥି ଦତ୍ତ, ବାସୁଦେବପୁର ପଞ୍ଚାନନ ବେହେରା, ଭଣ୍ଡାରିପୋଖରୀର ରବିନ୍ଦ୍ର ଜେନା, ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ନିଜ ନିଜର ପ୍ରସ୍ତୁତି, ଯୋଜନା ଓ ସମସ୍ୟା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ପାଇଁ ଦାୟିତ୍ୱରେଥିବା ବ୍ଲକ୍ ସ୍ତରୀୟ ଅଧିକାରୀ ବିଏସ୍‌ଏସ୍ ଓ ଭଦ୍ରକର ଯଶୋଦାରାଣୀ ସାହୁ, ଧାମନଗରର ସୌମ୍ୟଜିତ୍ ବେହେରା, ଭଣ୍ଡାରିପୋଖରୀର ଶାନ୍ତ୍ୱନା ଦାସ, .ଚାନ୍ଦବାଲିର ବିଶ୍ୱରଞ୍ଜନ ପ୍ରଧାନ, ତିହିଡ଼ିର ନୀହାର ରଞ୍ଜନ ରାଉତ, ବାସୁଦେବପୁରର ଆଭାରଞ୍ଜିତା ପୁହାଣ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ଯୋଜନାର କାର୍ଯ୍ୟକାରୀତା ଓ ବ୍ଲକ୍ ସ୍ତରୀୟ ଦୁଇଦିନିଆ ତାଲିମ୍ ଶିବିର ଆୟୋଜନ, ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତି ଓ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରତି ବ୍ଲକ୍‌ରୁ ଜଣେ ବିଶିଷ୍ଟ କଳାକାର ଗୁରୁ ମଧ୍ୟ ଏହି ତାଲିମ୍ ପ୍ରଦାନ କର୍ମଶାଳାରେ ଯୋଗ ଦେଇଥିଲେ।

## ଧର୍ମପ୍ରାଣ ପଞ୍ଚାନନ ନାୟକଙ୍କ ପରଲୋକ

**ଭଣ୍ଡାରିପୋଖରୀ,୧୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଦକ୍ଷିଣବାଡ ଗ୍ରାମର ଧର୍ମପ୍ରାଣ ଓ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ପଞ୍ଚାନନ ନାୟକଙ୍କର ଗୁରୁବାର ସକାଳେ ପୈତୃକ ବାସଭବନରେ ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ୩ ପୁତ୍ର ରଞ୍ଜନ, ଗଗନ ଓ ପବନ ୨ କନ୍ୟା ଗୀତାରାଣୀ ସ୍ୱାଇଁ ଓ ଗୀତା ରାଉତ, ପୁତୁରା ହୃଦାନନ୍ଦ, ପ୍ରେମାନନ୍ଦ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରଞ୍ଜନ ମୁଖାଗ୍ନି ଦେଇଥିଲେ। ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସେ ପରିଚିତ ଥିଲେ। ଗ୍ରାମ ଭାଗବତ ଟୁଙ୍ଗୀ ଓ ଶାରଦା ବିଦ୍ୟାମନ୍ଦିରର ସେ ଅନ୍ୟତମ ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ଲାଟିନମ ଜୁବୁଲି ପାଇଁ ସଜେଇ ହେଲାଣି ହାଇସ୍କୁଲ

**ତିହିଡି,୧୧।୧(ସମିସ):** ତିହିଡ଼ି ବଜାରସ୍ଥିତ ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ଉଚ୍ଚ ବିଦ୍ୟାଳୟର ବହୁ ପ୍ରତୀକ୍ଷିତ ୭୫ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଭବ୍ୟ ସମାବେଶକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତିର୍ ବିରଜା ପ୍ରସନ୍ନ ଶତପଥି ଉଦ୍‌ଘାଟନ କରିବେ। ୧୩ ତାରିଖ ସକାଳେ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା ସାଙ୍ଗକୁ ପ୍ରତିଦିନ ବନ୍ଧୁମିଳନ, ସାଧାରଣ ସଭା ଏବଂ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟକୁ ଆଲୋକମାଳାରେ ସଜ୍ଜିତ କରାଯିବା ସହ ତିହିଡ଼ି ବଜାରକୁ ମଧ୍ୟ ସଜ୍ଜିତ କରାଯାଇଛି। ସୂଚନା ଯୋଗ୍ୟ, ତିହିଡ଼ି ଚ.ର.ସ. ଉଚ୍ଚ ବିଦ୍ୟାଳୟ ଏକ ଐତିହ୍ୟ ସମ୍ପନ୍ନ ବିଦ୍ୟାଳୟ ଅଟେ ଓ ଏହାର ଛାତ୍ରଛାତ୍ରୀ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିପାରିଛନ୍ତି।



ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

ଦ୍ୱାଦଶାହ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ପାବର୍ତୀ ଦାଶ
ଆବିର୍ଭାବ: ୦୧.୦୧.୧୯୨୫
ତିରୋଧାନ: ୦୧.୦୧.୨୦୨୪
ନନ୍ଦକିଶୋରପୁର, ଯାଜପୁର
ହେ ପୁଣ୍ୟାତ୍ମା ଚାହୁଁ ଚାହୁଁ ବାରଦିନ ବିତିଗଲା କିନ୍ତୁ ଆପଣଙ୍କ ଅନୁପସ୍ଥିତି ସବୁ ସମୟରେ ଅନୁଭବ କରୁଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ପୁତ୍ର- ନିଳକଣ୍ଠ ଦାଶ, ବୋହୂ- ଅନ୍ନପୂର୍ଣ୍ଣା, ନାତି- ଇଂ ବିଶ୍ୱନାଥ, ଇଂ ଅନ୍ତର୍ଯ୍ୟାମୀ, ନାତୁଣୀ ବୋହୂ- ବବଲି, କୁନି, ନାତୁଣୀ- ଅଞ୍ଜଳି, ନାତୁଣୀ ଜୋଇଁ- ପ୍ରଦୀପ୍ତ ତ୍ରିପାଠୀ, ପଣ ନାତି- ଶ୍ରେୟାଂଶୁ, ଆଦିତ୍ୟ ନାରାୟଣ, ପଣ ନାତୁଣୀ- ନିରୋଷା, ତ୍ରିଶିକା, ଝିଅ- ଶାନ୍ତିଲତା, ନାତି - ଆଶୁତୋଷ, ଚିତ୍ତରଞ୍ଜନ, ଜ୍ୟୋତିରଞ୍ଜନ, ନାତୁଣୀ ବୋହୂ- ସୁଚି, ବବିନା, ମାମାଲି

୨୫ ତମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ ୨୩.୧୦.୧୯୪୧
ତିରୋଧାନ ୧୮.୧୨.୧୯୯୮
✓ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ୨୫ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ
ପତ୍ନୀ - ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ନିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ୍, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ
ପ୍ଲଟ୍ ନଂ-ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର

# ରାସ୍ତା ଉପରେ ସାପ୍ତାହିକ ହାଟ, ବଢୁଛି ଟ୍ରାଫିକ୍ ସମସ୍ୟା

**କବାଟବନ୍ଧ, ୧୧।୧ (ସମିସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛଦା ପଞ୍ଚାୟତ ଡଗରପଡ଼ା ମୌଜାରେ ସାପ୍ତାହିକ ଗୁରୁବାର ହାଟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଜାରକା-କବାଟବନ୍ଧ ନଦୀବନ୍ଧକୁ ଲାଗି ଏହି ହାଟ ବସୁଛି। ଏହା ବହୁ ପୁରାତନ ହାଟ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ସମେତ ଗଁଦିଆ, ସୁକିନ୍ଦା ଓ ଦାନଗଦି ବ୍ଲକର ବହୁ ବ୍ୟବସାୟୀ ଆସି ଏଠାରେ ବ୍ୟବସାୟ କରନ୍ତି। ପ୍ରଶାସନ ପକ୍ଷରୁ ଏହି ହାଟକୁ ନିଲାମ ଦିଆଯାଉଥିଲେ ହେଁ ଏହାକୁ ଠିକ୍ ଭାବେ ପରିଚାଳନା ଓ ଏହାର ଉନ୍ନତି ଦିଗରେ ଧ୍ୟାନ ଦିଆଯାଉନାହିଁ। ଫଳରେ ବ୍ୟବସାୟ କରିବାକୁ ଆସୁଥିବା ଲୋକେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ପ୍ରଶାସନ ପକ୍ଷରୁ ହାଟ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନର ଅନୁମତି ପ୍ରଦାନ କରାଯାଇଛି। କିନ୍ତୁ ହାଟରେ ବ୍ୟବସାୟୀଙ୍କ ବୃଦ୍ଧି କାରଣରୁ ଧୀରେ ଧୀରେ ହାଟ ହେଉଥିବା ସ୍ଥାନକୁ ଛାଡ଼ି ବ୍ୟବସାୟୀ ନଦୀବନ୍ଧ ରାସ୍ତା ଉପରେ ବସି ବ୍ୟବସାୟ କରୁଛନ୍ତି। ଫଳରେ ଗ୍ରାହକଙ୍କୁ ନେଇ ସେହି ସ୍ଥାନରେ ଗହଳି ଲାଗି ରହୁଛି। ଏହି ରାସ୍ତାଟି ଜାରକା-କବାଟବନ୍ଧ ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନିକ ଏହି ରାସ୍ତାରେ ବହୁ ଯାନବାହନ ଚଳାଚଳ କରୁଛି। ରାସ୍ତାର ଉଭୟ କଡ଼ରେ ବ୍ୟବସାୟୀ ବସୁଥିବା କାରଣରୁ ଗ୍ରାହକ ରାସ୍ତା ଉପରେ ସାଇକେଲ/ବାଇକ୍ ଆଦି ରଖି ଜିନିଷପତ୍ର କିଣାକିଣି କରୁଛନ୍ତି। ଏହାଦ୍ୱାରା ରାସ୍ତା ଅବରୋଧ ହେବା ସହିତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ଅନ୍ୟଏକ ପ୍ରମୁଖ ସମସ୍ୟା ମଧ୍ୟ ଏଠାରେ ଦେଖିବାକୁ ମିଳୁଛି। ପାନୀୟଜଳ ପାଇଁ ଲୋକମାନେ ଅଭିଯୋଗ କରୁଛନ୍ତି। ଏଠାରେ ଏକ ନଳକୂପ ବସାଯାଇଥିଲେ ମଧ୍ୟ ଏହାର ଜଳ ବ୍ୟବହାର ଅନୁପଯୋଗୀ। ହଜାର ହଜାର ଲୋକଙ୍କ ସୁବିଧା ପାଇଁ ଏଠାରେ ମଧ୍ୟ ଶୌଚାଳୟ ନିର୍ମାଣ କରାଯାଇନାହିଁ। ଯଦ୍ୱାରା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରଶାସନ ପକ୍ଷରୁ ଏହାର ସମାଧାନ କରାଯାଇ ଟ୍ରାଫିକ ସମସ୍ୟା ଦୂର କରିବା ସହିତ ସ୍ୱଚ୍ଛ ପାନୀୟ ଜଳ ଓ ଶୌଚାଳୟ ନିର୍ମାଣ କରିବା ପାଇଁ ବିଭିନ୍ନ ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



# ଚୋରା କୋଇଲା ଟ୍ରକ୍ ଚାଳକ ଅଦାଲତ ଚାଲାଣ



**ପାଣିକୋଇଲି, ୧୧।୧(ସମିସ):** ପାଣିକୋଇଲି ପୁଲିସ ଚୋରା କୋଇଲା ଟ୍ରକର ମାଲିକ ତଥା ଚାଳକକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ଡିସେମ୍ବର ୮ ତାରିଖରେ ପାଣିକୋଇଲି ପୁଲିସ ଏକ ଚୋରା କୋଇଲା ଟ୍ରକ୍‌କୁ ଜବତ କରିବାରେ ସକ୍ଷମ ହୋଇଥିଲା। ମାତ୍ର ଉକ୍ତ କୋଇଲା ଗାଡ଼ି ଚାଳକ ଖସିଯିବାରେ ସକ୍ଷମ ହୋଇଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଚୋରା କୋଇଲା ଗାଡ଼ି ମାଲିକ ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅନ୍ତର୍ଗତ ପଣ୍ଡାରବାଟିଆ ଗ୍ରାମର ୟୁସୁଫ ସାହାଜୀଙ୍କ ପୁଅ ନୁରିସଲାମ ସାହାଜୀ (୩୮)କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି।

# ଗଣପତି ଜ୍ଞାନମନ୍ଦିରର ନୂତନ ପରିଚାଳନା କମିଟି ଗଠିତ



**ବଡ଼ଚଣା, ୧୧।୧(ସମିସ):** ଚଣ୍ଡିଖୋଲ ସନ୍ନିକଟ ଗଣପତି ଜ୍ଞାନ ମନ୍ଦିରର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ ସଭାପତି ଭାବେ ଡକ୍ଟର ସୁଧୀର ଚନ୍ଦ୍ର ସାମଲ, ସମ୍ପାଦକ ଭାବେ ରଙ୍ଗଲତା ପରିଡ଼ା ମନୋନୀତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ସାମଲ, ପରିଚାଳନା କମିଟି ସଭ୍ୟ ପ୍ରସନ୍ନ କୁମାର ବିଶ୍ୱାଳ, ପ୍ରଶାନ୍ତ ଜେନା, ମୋହନ ଖିଲାର, ସଭ୍ୟା ନାମିତ ଜେନା, ଗୁରୁମା ରାଜଶ୍ରୀ ସାହୁ, ଦୀପ୍ତିମୟୀ ବିଶ୍ୱାଳ, ସୌଦାମିନୀ ରାୟ, ପ୍ରିୟମ୍ବଦା ସାମଲ, ଦେବସ୍ମିତା ନାଥ, ସବିତା ଘଡାଇ, ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁମା ଅନୀମା ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ନୂତନ ସଭାପତି ଓ ସମ୍ପାଦିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କଂଗ୍ରେସର ବନ୍ଧୁମିଳନ



**ବଡ଼ଚଣା, ୧୧।୧ (ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତର ବେଲବଣ ପଡ଼ିଆରେ ପଞ୍ଚାୟତ ସଭାପତି ଧନଞ୍ଜୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପିସିସି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରବୀର ନାୟକ ଓ ଜୀବନ ମହାପାତ୍ର, ବାନାମ୍ବର ସାମଲ, ନିଳାଦ୍ରୀ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ଧରଣୀଧର ପ୍ରଧାନ, ନିକୁଞ୍ଜ ବିହାରୀ ପ୍ରଧାନ, ଗୋଲଖ ମଲିକ, ବସନ୍ତ ସାମଲ, ଦଶରଥ ମଲିକ, ସୁନାକର ସାମଲ, ବିଶ୍ୱନାଥ ମଲିକ, ନଟବର ମଲିକ, ସଞ୍ଜୟ କୁମାର ମଲିକଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୁକିନ୍ଦା ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ



**ସୁକିନ୍ଦା, ୧୧।୧(ସମିସ):** ରଞ୍ଜନ କୁମାର ମଲିକ ଥାନା ଅଧିକାରୀ ଭାବେ ଯୋଗଦେଇଛନ୍ତି। ସୁକିନ୍ଦା ଥାନାରେ କାର୍ଯ୍ୟରତ ସମସ୍ତ ପୁଲିସ ଥାନା କର୍ମଚାରୀ ଶ୍ରୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପୂର୍ବତନ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କ ପଦୋନ୍ନତି ପରେ କିଛିଦିନ ଧରି ଏହି ପଦବୀ ଖାଲିଥିଲା। ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଛନ୍ତି ରଞ୍ଜନ କୁମାର ମଲ୍ଲିକ। ରଞ୍ଜନ କୁମାର ମଲ୍ଲିକ ପୂର୍ବରୁ ଟମକା ଥାନାରେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସୁକିନ୍ଦା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଭ୍ରାଂଶୁ ଶେଖର ପରିଡ଼ାଙ୍କ ପଦୋନ୍ନତି ହୋଇ ବଦଳି ହୋଇଥିଲା। ସୁକିନ୍ଦା ଅଞ୍ଚଳରେ ଚୋରି, ଟ୍ରାଫିକ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ମଲ୍ଲିକ କହିଛନ୍ତି।

# ନବକୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ ୨୧ରୁ

**କୋରେଇ, ୧୧।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ଆଲିଆଠାରେ ମାଳିକା ବର୍ଣ୍ଣିତ ଶ୍ରୀଶ୍ରୀ ବିରଜା ବିଶ୍ୱରୂପା ନବକୁଣ୍ଡିୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀ ଆସନ୍ତା ୨୧ରୁ ୨୫ ତାରିଖ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେବ। ବୈତରଣୀ ନଦୀରୁ ସହସ୍ରାଧିକ କଳସ ଶୋଭାଯାତ୍ରା ଆସିବା ପରେ ଭୂମିପୂଜା, ଗୋପୂଜା, ସୂର୍ଯ୍ୟପୂଜା, ଗୁରୁପୂଜା, ଯଜ୍ଞ ଆଦି କରାଯିବ। ବୈତରଣୀ ଓ ଖରସ୍ରୋତା ନଦୀରେ ସାଧୁସନ୍ଥଙ୍କ ଦ୍ୱାରା ନଦୀ ଆଳତି କରାଯିବ। ୫ ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଏ ଉପଲକ୍ଷେ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଭକ୍ତ ଓ ଦର୍ଶନଙ୍କ ପାଇଁ ସମୂହ ପ୍ରସାଦ ସେବନ ଓ ଯାତାୟତ ଶାନ୍ତିଶୃଙ୍ଖଳାରେ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି।

ବିରଜାପୁତ୍ର ସ୍ୱାମୀ ଉଦୟାନନ୍ଦ ପର୍ବତଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପ୍ରସ୍ତୁତି ଚାଲିଛି। ଭାରତ ବର୍ଷର ବିଭିନ୍ନ ରାଜ୍ୟର ତଥା ରାଜ୍ୟର ବିଭିନ୍ନ ଜିଲ୍ଲାର ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଲକ୍ଷାଧିକ ଭକ୍ତ ଓ ଦର୍ଶକଙ୍କ ସମାବେଶ ସହ ମୀନାବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିନିମନ୍ତେ ଯଜ୍ଞ ମଣ୍ଡପ, ୨୭ ଫୁଟର ବିଶ୍ୱରୂପା ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଆଲିଆ ଆଲୋକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଉଦୟ ନାଥ ପର୍ବତ ସୂଚନା ପ୍ରଦାନ କରିଛନ୍ତି। ଆୟୋଜକ କମିଟି ପକ୍ଷରୁ ସଂଯୋଜକ ବିଜୟ କୁମାର ବୋଇତାଇ, ମୁଖ୍ୟକର୍ତ୍ତା ଅଜୟ କୁମାର ବୋଇତାଇ, ମୁଖ୍ୟ ପୂଜକ ପଣ୍ଡିତ ଲକ୍ଷ୍ମୀଧର ଅଧିକାରୀଙ୍କ ସହ ପୂଜକ ରବି ନାରାୟଣ ପଣ୍ଡା, ମଣି ପଣ୍ଡା ଓ କର୍ତ୍ତା ଭାବେ ଗଦାଧର ମହାନ୍ତି, ପ୍ରମୋଦ ପରିଡ଼ା, ଜଗନ୍ନାଥ ମହାନ୍ତି, ବିଦ୍ୟାଧର ପଲାର, ମହେଶ ମହାନ୍ତି, ମାଧ ସୋନାର ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନା କରିବେ। ଶ୍ରୀଧର ସାହୁ, ଦୀନବନ୍ଧୁ ଖୁଣ୍ଟିଆ, ଗୋକୁଳାନନ୍ଦ ସାହୁ, ପ୍ରଦୀପ ମାଝୀ, ପ୍ରଫୁଲ୍ଲ ଦାସ, ଅର୍ଜ୍ଜୁନ ସାହୁ, ଦୀପକ ସାହୁ, ଲକ୍ଷ୍ମୀଧର ପରିଡ଼ା, ଚୈତନ୍ୟ ବେହେରା, ଶ୍ରୀଧର ବୋଇତାଇଙ୍କ ସମେତ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସେବା ନିବୃତ୍ତ କର୍ମଚାରୀଙ୍କ ସଫେଇ କାର୍ଯ୍ୟକ୍ରମ



**ଯାଜପୁର ଟାଉନ, ୧୧।୧ (ସମିସ):** ଯାଜପୁର ଜିଲ୍ଲାର ସେବା ନିବୃତ୍ତ ସରକାରୀ କର୍ମଚାରୀଙ୍କ ଦ୍ୱାରା ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପରିସର ସଫେଇ କାର୍ଯ୍ୟ ଓ ବନ୍ଧୁମଳିନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଗଦାଧର ରାଉତ, ଉପସଭାପତି ଧନଞ୍ଜୟ କେଶରୀ ରାଉତରାୟ, ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ, ସହସମ୍ପାଦକ ବୃନ୍ଦାବନ ମିଶ୍ର, କୋଷାଧ୍ୟକ୍ଷ ଅମରେନ୍ଦ୍ର ତ୍ରିପାଠୀ, ବରିଷ୍ଠ ସଦସ୍ୟ ନୃସିଂହ ଚରଣ ମହାପାତ୍ର, ପ୍ରବୋଧ କୁମାର ନାୟକ, ମଧୁସୂଦନ ମହାନ୍ତି, ଭରତ କୁମାର ସାହୁ, ମିହିର ରଞ୍ଜନ ନାୟକ, ରଜତ କୁମାର ମହାନ୍ତି, କୈଳାସ ଚନ୍ଦ୍ର ମଲ୍ଲିକ, ନୃସିଂହ ଚରଣ ଜେନା, ସୁନୀଲ କୁମାର ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ଚନ୍ଦ୍ରଶେଖର ପାଣି, ସଦାନନ୍ଦ ସାହୁ, ସୁରେନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ।

## ସୁନ୍ଦରିଆ ପ୍ରିମିୟର ଲିଗ୍

# ଜାରକା ଓ ଧର୍ମଶାଳା ଇଲେଭେନ୍ ବିଜୟୀ

**ଧର୍ମଶାଳା, ୧୧।୧(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତରେ ନ୍ୟୁ ଲାଇଫ କ୍ଲବ ପକ୍ଷରୁ ଚାଲିଥିବା ସୁନ୍ଦରିଆ ପ୍ରିମିୟର କ୍ରିକେଟ୍ ଲିଗର ଆଜି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଜାରକା ଓ ଧର୍ମଶାଳା ଇଲେଭେନ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍ କଣ୍ଟିଗଡ଼ିଆ ଓ ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜାରକା ନିର୍ଦ୍ଧାରିତ ୧୨ ଓଭରରେ ୩ ୱିକେଟ ହରାଇ ୧୫୫ ରନ କରିଥିଲା। ଏହାର ଜବାବରେ କଣ୍ଟିଗଡ଼ିଆ ୧୨ ଓଭରରେ ୧୦୬ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଧର୍ମଶାଳା ଇଲେଭେନ୍ ଓ ସୁଙ୍ଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁଙ୍ଗୁଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ ହରାଇ ୧୩୨ ରନ କରିଥିଲା। ଧର୍ମଶାଳା ଇଲେଭେନ ୧୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଖେଳକୁ ବ୍ୟବସାୟୀ ବନମାଳୀ ସେନାପତି ଉଦଘାଟନ କରିଥିଲେ।



# ମଣ୍ଡଳସ୍ତରୀୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ବୈଠକ



**ଯାଜପୁର, ୧୧।୧(ସମିସ)**

ଯାଜପୁର ବ୍ଲକ ଅଧୀନରେ ଥିବା ପ୍ରାୟ ୪୬ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଚତୁର୍ଥ ମାସିକ ବୈଠକ ବରୁଆଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଜମଧରରେ ଯାଜପୁର ମଣ୍ଡଳ ଶିକ୍ଷାଧିକାରିଣୀ ଶ୍ରୀମତୀ ସ୍ମୃତିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରୁଆଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱାଗତ କରିଥିଲେ। ଏହି ବୈଠକରେ ମନିଟରିଂ କରୁଥିବା ଜିଲ୍ଲା ସହଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ଓ ରାଜ୍ୟ କ୍ରୀଡ଼ା ପ୍ରୋଗ୍ରାମ ସଂଯୋଜକ ଲିପ୍ସାରାଣୀ ରାୟ ଯୋଗଦେଇ ୫-ଟି ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ।

ଏହି ବୈଠକରେ ବିଦ୍ୟାଳୟର ସୁରକ୍ଷା କାନ୍ଥ ଓ ବଜ୍ରପାତ ନିରୋଧ ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ରୂପାନ୍ତୀକରଣ ହେବାପରେ ଗୁଣାତ୍ମକ ଶିକ୍ଷା ନିମିତ୍ତ ପ୍ରତ୍ୟେକ ବିଦ୍ୟାଳୟ ନିଜକୁ କିପରି ପ୍ରସ୍ତୁତ କରିବେ, ସେଥିପାଇଁ ଉକ୍ତ ଆଲୋଚନାରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ମତାମତ ପୋଷଣ କରିଥିଲେ। ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁ ସମସ୍ତଙ୍କୁ ନିଜ ବିଦ୍ୟାଳୟ ପରିସର ବୁଲାଇ ଦେଖାଇବା ସଙ୍ଗେ ସଙ୍ଗେ ବିଦ୍ୟାଳୟର କିଛି ସମସ୍ୟା ଥିବା ଦର୍ଶାଇଥିଲେ। ବିଦ୍ୟାଳୟ ପରିବେଶ ସମ୍ପୂର୍ଣ୍ଣ ତମାଖୁ ମୁକ୍ତ ଓ ଦୁଇଚକିଆ ଯାନ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିବାରୁ ସମସ୍ତଙ୍କୁ ପ୍ରଧାନ ଶିକ୍ଷକ ଗୋଲଖ ଚନ୍ଦ୍ର ସାହୁ ଧନ୍ୟବାଦ୍ ଜଣାଇଥିଲେ।

# ହାଇଟେକ୍ ବିଜ୍ଞାନ କଲେଜରେ ଅବ୍ୟବସ୍ଥା ଅଭିଯୋଗ

**କୁଆଖିଆ, ୧୧।୧ (ସମିସ):** କୁଆଖିଆ ହାଇଟେକ୍ ଉଚ୍ଚ ମାଧ୍ୟମିକ ବିଜ୍ଞାନ କଲେଜରେ ନାନା ଅବ୍ୟବସ୍ଥା ନେଇ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି। ଏହି କଲେଜ ୨୦୧୧ରେ ଏଠାରେ ଆରମ୍ଭ ହୋଇଥିବାବେଳେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଛାତ୍ରଛାତ୍ରୀ ଏଠାରେ ନାମ ଲେଖାଇ ପଢୁଥିବାବେଳେ କଲେଜର ନିଜସ୍ୱ ଘର ଥାଇ ଏକ ବିପଦପୂର୍ଣ୍ଣ ଘରୋଇ କୋଠାକୁ ଲିଜ୍ ସୂତ୍ରରେ ନିଆଯାଇଛି। କିଛିଦିନ ତଳେ ଏଠାରେ ବାସି ଖାଦ୍ୟକୁ ନେଇ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଥିବାବେଳେ ବର୍ତ୍ତମାନ କଲେଜର ଅବ୍ୟବସ୍ଥା ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ଏହି କଲେଜର ନିଜସ୍ୱ ଘର ରସୁଲପୁର ତହସିଲ ଅନ୍ତର୍ଗତ ବାଲିପାଟଣା ମୌଜାରେ ନିର୍ମାଣ ସରିଥିଲେ ହେଁ ଛାତ୍ରଛାତ୍ରୀଙ୍କୁ ସେଠାରେ ପାଠ ନ ପଢ଼ାଯାଇ ବର୍ତ୍ତମାନ ପୁରୁଣା ଅସୁରକ୍ଷିତ କୋଠାରେ ପାଠପଢ଼ା ଚାଲିଛି। ଯାହାକି ଛାତ୍ରଛାତ୍ରୀଙ୍କ ନିରାପତ୍ତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଯେଉଁ କୋଠାରେ ପାଠପଢ଼ା ଯାଉଛି, ସେଠାରେ ତଳ ମହଲାରେରେ ରୋଷେଇ ଘର ଥିବାବେଳେ ଉପର ମହଲାରେ ହଷ୍ଟେଲର ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ରଛାତ୍ରୀ ରହୁଛନ୍ତି। ହଷ୍ଟେଲରେ ମିଳୁଥିବା ଖାଦ୍ୟର ଗୁଣାତ୍ମକ ମାନ ଭଲ ହେଉ ନ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଥିବା ଶୁଣିବାକୁ ମିଳୁଛି। କୋଠାଟି ୩ ମହଲା ବିଶିଷ୍ଟ ହୋଇଥିବାବେଳେ ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ କି ବିଭାଗୀୟ ସ୍ୱୀକୃତି ନାହିଁ ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ହାଇଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲଙ୍କୁ ଆଜି ସନ୍ଧ୍ୟାରେ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ରଘୁନାଥ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

**କଣ୍ୟାଁଗୋଲା, ୧୧।୧(ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ରଘୁନାଥ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସନାତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃତ୍ତିବାସ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ରାଜକିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସାରଦା କାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ୨ ଦିନ ଧରି ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ଶିଶିର କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୁକିନ୍ଦା, ୧୧।୧(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ବାରଗାଡ଼ିଆ ହିଙ୍ଗୁଳା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୩୧ ତାରିଖରେ ଶ୍ରୀମତୀ ରତ୍ନପ୍ରଭା ନାୟକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀମତୀ ନାୟକ ପୂର୍ବରୁ ମହାଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୮ ବର୍ଷ ଧରି ଶିକ୍ଷାଦାନ କରିଆସୁଥିଲେ। ସେଥିମଧ୍ୟରୁ ୧୦ ବର୍ଷରୁ ଅଧିକ ସମୟ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ସେହି ସମୟ ମଧ୍ୟରେ ମହାଦେବ ବିଦ୍ୟାଳୟକୁ ସୁକିନ୍ଦା ବ୍ଲକରେ ଆଦର୍ଶ ଶିକ୍ଷାନୁଷ୍ଠାନ ରୂପେ ପରିଗଣିତ କରିଥିଲେ। ଗତ ୭ ବର୍ଷ ଧରି ବାରଗାଡ଼ିଆସ୍ଥ ମହାଦେବ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ବହନକରି ଏକ ଶୃଙ୍ଖଳିତ ବାତାବରଣ ସୃଷ୍ଟି କରିପାରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ବିଭିନ୍ନ ହାଇସ୍କୁଲରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଓଷ୍ଟା ଶିକ୍ଷକ ସଂଘର ପଦାଧିକାରୀ ଶ୍ରୀପତି ବାରିକ, ଅଜୟ ଖୁଣ୍ଟିଆ, ତୁଳସୀ ମହାନ୍ତ, ସୁବାସ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରୀମତୀ ନାୟକଙ୍କ କାର୍ଯ୍ୟଦକ୍ଷତା, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ସହକର୍ମୀଙ୍କ ପ୍ରତି ସୁନ୍ଦର ବ୍ୟବହାରର ପ୍ରଶଂସା କରିଥିଲେ। ମହାଦେବ ଉଚ୍ଚବିଦ୍ୟାଳୟ ଓ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଦାନଗଦି, କଳିଙ୍ଗନଗର ବରିଷ୍ଠ ନାଗରିକ ସଂଘ ସଭାପତି କଳାକାର ସ୍ୱାଇଁ, କାର୍ଯ୍ୟକରୀ ସଭାପତି ପଞ୍ଚାନନ ବଳ, ସମ୍ପାଦକ ଶିଶିର ଚୌଧୁରୀ, ବିଶିଷ୍ଟ ସାହିତ୍ୟିକ ଶରତ ରାୟ ପ୍ରମୁଖ ଯୋଗଦେଇ ଶ୍ରୀମତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟସ୍ତରୀୟ ଚକାଆଖି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ପାରାଦୀପକୁ ହରାଇ ଖୋର୍ଦ୍ଧା ସେମିକୁ ଉନ୍ନୀତ

**କବାଟବନ୍ଧ, ୧୧।୧ (ସମିସ)**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁରରେ ଚକାଆଖି ସ୍ପୋର୍ଟିଂ କ୍ଲବ ଓ ସୋସିଆଲ ଅର୍ଗାନାଇଜେସନ ଆନୁକୂଲ୍ୟରେ ଚାଲିଥିବା ୨୭ତମ ଚକାଆଖି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସମସ୍ତ କ୍ୱାର୍ଟରଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଆଜି ଶେଷ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ପିସିସି ପାରାଦୀପ ଓ ରେଲୱେ କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପିସିସି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା।




ଜବାବରେ ରେଲୱେ କ୍ଲବ ୧୪.୪ ଓଭରରେ ୭ ୱିକେଟ୍ ହରାଇ ୧୨୩ ରନ କରି ବିଜୟ ଲାଭ କରିଥିଲା। ବିଜୟୀ ଟିମ୍ ପକ୍ଷରୁ ସମୀର ମହାନ୍ତି ୪ଟି ଛକା ଓ ୭ଟି ଚୌକା ମାରି ୬୯ ରନ ଓ ଅଙ୍କିତ ଯାଦବ ୨୬ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚ୍‌କୁ ଛାୟାକାନ୍ତ ଦ୍ୱିବେଦୀ ପରିଚାଳନା କରିଥିଲେ। ଜଗନ୍ନାଥ କରଣ ଓ କୀର୍ତ୍ତନ କରଣ ସ୍କୋରର ଥିଲେ। ଚକାଆଖି ସ୍ପୋର୍ଟିଂ କ୍ଲବ ଓ ସୋସିଆଲ ଅର୍ଗାନାଇଜେସନ ପକ୍ଷରୁ ସଭାପତି ଅର୍ଜ୍ଜୁନ କରଣ, ଉପସଭାପତି କୁଶ ରାଉତ, ସମ୍ପାଦକ ମକରନ୍ଦ ସ୍ୱାଇଁ, ସହସମ୍ପାଦକ ଶ୍ରୀଧର ପ୍ରଧାନ, କୋଷାଧ୍ୟକ୍ଷ ଭୋଳାନାଥ ସାହୁ, ସଭ୍ୟ ସୁବାଷ ଚନ୍ଦ୍ର ସ୍ୱାଇଁ, ବଲ୍ଲଭ କରଣ, ବଳରାମ ସ୍ୱାଇଁ, ଶୁଭମ୍ ଜେନା, ଅନାମ ସାମଲ, ରୋହିତ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ଗାଁ ଗାଁରେ ଗଡ଼ିଲା ଜୟ ଜଗନ୍ନାଥ ଅର୍ପଣ ରଥ








**ଭଦ୍ରକ, ୧୧।୧(ସମିସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଭଦ୍ରକ ପୌରପାଳିକାର ୪ଟି ୱାର୍ଡ-୬, ୭, ୮ ଓ ୯ନମ୍ବର ୱାର୍ଡରେ ଆଜି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି । ଏହି ୪ଟି ୱାର୍ଡରେ ୪ଟି ଅର୍ପଣ ରଥକୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଶ୍ରୀଫଳ ଭାଙ୍ଗି ଶୁଭ ଉଦଘାଟନ କରିଥିଲେ। ବିଧାୟକ ନିଜେ ଏହି ୱାର୍ଡମାନଙ୍କରେ ଘରକୁ ଘର ବୁଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ଯାତ୍ରା ପାଇଁ ଚାଉଳ, ଗୁଆ ଓ ଦକ୍ଷିଣା ଆଦି ସଂଗ୍ରହ କରିଥିଲେ। ୬ନମ୍ବର ୱାର୍ଡ ମଠସାହି ଠାରେ ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ତଥା ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରବୀର ଜେନା, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସଂକୀର୍ତ୍ତନ ଦଳର ଭଜନ ସହ ଘରକୁ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟରେ ସାମିଲ ଥିଲେ। ସେହିଭଳି ଭଦ୍ରକ ପୌରପାଳିକାର ୭ନମ୍ବର ୱାର୍ଡରେ ବିଧାୟକ ଶ୍ରୀମଲ୍ଲିକ ଏହି ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିବା ବେଳେ ପରେ ପରେ ୮ନମ୍ବର ଓ ୯ନମ୍ବର ୱାର୍ଡରେ ପହଞ୍ଚି ଅର୍ପଣ ରଥର ଶୁଭାରମ୍ଭ କରିବା ସହ ପ୍ରତି ଘରୁ ଅକ୍ଷତ ଗୁଆ ଓ ଚାଉଳ ସଂଗ୍ରହ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଭଜନ, କୀର୍ତ୍ତନର ତାଳେତାଳେ ଲୋକେ ଭକ୍ତି ଭାବନା ଓ ଉତ୍ସାହର ସହ ଗୁଆ ଓ ଚାଉଳ ଅର୍ପଣ କରୁଥିବା ଦେଖିବାକୁ ମିଳିଥିଲା। ଏହି ରଥ ପରିକ୍ରମା ବେଳେ ଶତାଧିକ ମହିଳା, ପୁରୁଷ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୭ନମ୍ବର କାଉନସିଲର ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ଯୁବନେତା ରାଜେଶ ଦାସ, ୮ନମ୍ବର ୱାର୍ଡ କାଉନସିଲର ସ୍ୱାଗତିକା ନାୟକ, ୯ନମ୍ବର ୱାର୍ଡରେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାକେଶ ପଣ୍ଡା ଓ ୱାର୍ଡ କାଉନସିଲର ସୁନୀତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୌରପାଳିକାର ୩୦ଟି ୱାର୍ଡରେ ଏହି ଅର୍ପଣ ରଥ ପରିକ୍ରମା କରିବ। ଆସନ୍ତା କାଲି ୧୧ନମ୍ବର ୱାର୍ଡରେ ଏହାର ଶୁଭାରମ୍ଭ ହେବ। ଅର୍ପଣ ରଥରେ ଶ୍ରଦ୍ଧାଳୁମାନେ ପ୍ରଦାନ କରୁଥିବା ଗୁଆ, ଚାଉଳ ଓ ନଡିଆ ଆଦିକୁ ସାଳନ୍ଦୀ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିରରେ ମହଜୁଦ ରଖାଯାଉଛି। ଆସନ୍ତା ୧୬ତାରିଖ ଏସବୁକୁ ଶ୍ରୀକ୍ଷେତ୍ରକୁ ପଠାଯିବ ବୋଲି ଜଣାଯାଇଛି।

**ତିହିଡି:** ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତରେ ଜୟଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଦୋଳସାହି ମଧ ଇଂରାଜୀ ବିଦ୍ୟାଳୟ ନିକଟରୁ ଏହି ରଥ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ରାଣୀପୁର ନିକଟରେ ପହଞ୍ଚିଥିଲା। ତିହିଡ଼ି ବ୍ଲକ ପ୍ରଶାସନ ତରଫରୁ ଭିଏଲ୍‌ଡବ୍ଲ୍ୟୁ ରାମଚନ୍ଦ୍ର ମହାନ୍ତି ରଥ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ସଂକୀର୍ତ୍ତନ ଦଳ ମଧ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୋଳସାହି ସରପଞ୍ଚ ଗୌରୀଶଙ୍କର ଜେନା, ପୂର୍ବତନ ସମିତିସଭ୍ୟ ଦାଶରଥି ମହାପାତ୍ର, ସମାଜସେବୀ ଅର୍ଜୁନ ଭଟ୍ଟରାୟ, ଅନ୍ତର୍ଯ୍ୟାମୀ ଦୀକ୍ଷିତ, ମଣ୍ଟୁ ଜେନା, ଶୁକଦେବ ପତି ପ୍ରମୁଖ ରଥ ସହ ଘରଘର ବୁଲିଥିଲେ।

**ଚାନ୍ଦବାଲି:** ଚାନ୍ଦବାଲି ବ୍ଲକ ବଡଓସ୍ତିଆ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ଲକ୍ଷ୍ମୀନାରାଣ ମନ୍ଦିର ନିକଟରୁ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ବଡଓସ୍ତିଆ ସରପଞ୍ଚ ମହେଶ୍ୱର ସାହୁ, ଲାଲାଟେନ୍ଦୁ ରାୟ, ପୂର୍ଣ୍ଣଚନ୍ଦ୍ର ପରିଡା, ସରୋଜ ସାହୁ, ଦାମୋଦର ନାୟକ, ସନାତନ ସାହୁ ଓ ରବିନ୍ଦ୍ର ମହାଳିକଙ୍କ ସହ ବହୁ ଛାମୁଆନେତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ମହୁଲିଆ ସରପଂଚ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଚନ୍ଦନପୁର ତାରିଣୀମନ୍ଦିର ପ୍ରାଙ୍ଗଣରେ କୀର୍ତ୍ତନ ଦଳ ସହ ରଥ ପଞ୍ଚାୟତ ଭ୍ରମଣ କରିଥିଲା। ଏହି କାର୍ଯ୍ୟକ୍ରମରେ ଦେବବ୍ରତ ଦାସ, ମୁକ୍ତିକାନ୍ତ ଖିଲାର, ହେମନ୍ତ ମଲ୍ଲିକ, ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେହିପରି ଚାନ୍ଦବାଲି ଏନ୍‌ଏସି ୧୪ ଓ ୧୫ନମ୍ବର ୱାର୍ଡରେ ଆଜି ବିନତାରା ତ୍ରିପଲ୍ଲି ଜଗନ୍ନାଥ ମନ୍ଦିର ନିଟକରୁ ଜୟଜଗନ୍ନାଥ ରଥର ଶୁଭାରମ୍ଭ କରାଯାଇଛି। ଏଥିରେ ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଯୋଗଦେଇଥିବା ବେଳେ ଯୁବନେତା ଜୀତେନ୍ଦ୍ର ପାଣି, ସେଖ ଫିରୋଜ, ଶଶୀକାନ୍ତ ଦାସ, ପୂର୍ଣ୍ଣ ବାରିକ, କେଦାର ନାୟକ, ଉତମ ପଡିଆରୀ, ବ୍ରଜ ରାଉତ, ଅଜୟ ବିଶ୍ୱାଳ ପ୍ରମୁଖଙ୍କ ସହ ଶତାଧିକ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

**ମଞ୍ଜୁରୀରୋଡ:** ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ରଥ ଆଜି ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପରିଭ୍ରମଣ କରିଛି। ରହଣିଆ ପଞ୍ଚାୟତ ଆକୁଳିକଣା ଡିହସାହି ହନୁମାନ ମନ୍ଦିର ଠାରେ ଆଜି ପରିକ୍ରମା ରଥ ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିରେନ୍ଦ୍ର ନାୟକ, ପୀରେଶ୍ୱର ବାରିକ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମାଳଦା ନାରାୟଣ ମନ୍ଦିର ଠାରୁ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତିଙ୍କ ନେତୃତ୍ୱରେ ରଥ ପରିକ୍ରମା କରିଛି। ଏଥିରେ ସରପଞ୍ଚ ମିନତୀ ପରିଡା, ସମିତିସଭ୍ୟ ରିତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ନୃସିଂହ ଚରଣ ଲାର, ସମାଜସେବୀ ପ୍ରତ୍ୟୁଷ ସାମଲ, ମୋହନ ରାୟ, ଭାଗିରଥି ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁପୁର ପଞ୍ଚାୟତ ପକ୍ଷରୁ ବଡ଼ବ୍ରାହ୍ମଣ ସାହି ଠାରେ ପରିକ୍ରମା ରଥ ଶୁଭାରମ୍ଭ ହୋଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ରଥ ମିରହସନପୁର, ଜଗନ୍ନାଥପୁର, ଶାସନ, ଗୋପାଳପୁର ପ୍ରମୁଖ ଗାଁ ଭ୍ରମଣ କରିଛି। ଏଥିରେ ବିଡିଓ ଦେବଦତ୍ତ ଦାସ, ସମିତିସଭ୍ୟା ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ସମାଜସେବୀ ବିଜୟ ଖିଲାର, ଦୀପକ ପାଣିଗ୍ରାହୀ, ଭାସ୍କର ଦାସ ପ୍ରମୁଖ ଯୋଗଦେଇଥିଲେ। ନିର୍ଗୁଣ୍ଡି ପଞ୍ଚାୟତ ଠାରେ ସରପଞ୍ଚ ସତ୍ୟବ୍ରତ ପାଲଙ୍କ ନେତୃତ୍ୱରେ ଆଜି ପରିକ୍ରମା ରଥ ଶୁଭାରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ସୁରେନ୍ଦ୍ର ପାଲ, ନାରାୟଣ ସାହୁ, ମିଥୁନ ମହାକୁଡ଼, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ବୟାବନାପୁର ପଞ୍ଚାୟତ ଠାରେ ଆଜି ରଥ ପରିକ୍ରମା ଶୁଭାରମ୍ଭ କରିଥିବା ବେଳେ ଏଥିରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସାଂସଦଙ୍କ ପ୍ରତିନିଧି ଲଳିତ ରାଉତ, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଆଗରପଡ଼ା:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ବନ୍ତ ବ୍ଲକ ବଡ଼ମହିଷଁଗୋଠ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ଗଡ଼ିଛି। ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଅର୍ପଣ ରଥ ପ୍ରଥମେ ନରାଜପୁର ଗ୍ରାମର ବଳଦେବଜୀଉ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯିବାପରେ କୀର୍ତ୍ତନ ମଣ୍ଡଳୀର ମୃଦଙ୍ଗ, ଝାଞ୍ଜ ବାଦନ ସହ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ବିଧାୟକଙ୍କୁ ଲୋକେ ଭକ୍ତି ଭାବନା ସହ ଗୁଆ ଓ ଚାଉଳ ଅର୍ପଣ କରୁଥିବାର ଦେଖିବାକୁ ମିଳିଥିଲା। ଏଥିରେ ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ଯୁବ ସଭାପତି ସତ୍ୟ ସାଧନ ବେଜ, ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି, ସରପଞ୍ଚ ବିନୋଦିନୀ ମହାନ୍ତି, ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ବରିଷ୍ଠ ନାଗରିକ ହରେକୃଷ୍ଣ ଶତପଥି, ସମାଜସେବୀ ବିଜ୍ଞାନ ଭୂଷଣ ମହାନ୍ତି, ଯୁବନେତା ପ୍ରୀତିଶ ଶତପଥି, ଦୀପକ ମହାନ୍ତି, ପଦ୍ମଲୋଚନ ନାଥଶର୍ମାଙ୍କ ସହିତ ପଞ୍ଚାୟତ ମହିଳା ସଂଘ ଏମ୍‌ବିକେ ଓ ସିଆରପିମାନେ ଉପସ୍ଥିତ ଥିଲେ।

**ଅସୁରାଳି:** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ପ୍ରତି ୱାର୍ଡରେ ପର୍ଯ୍ୟାୟ କ୍ରମେ ପରିକ୍ରମା ରଥ ବୁଲି ଭକ୍ତ ଓ ଶ୍ରଦ୍ଧାଳୁଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ଉକ୍ତ ଯାତ୍ରାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ପତି, ବିଦ୍ୟାଧର ମିଶ୍ର, ଆକୁଳ ଦାସ, ଶଶଧର ଦାସ, ଦେବାଶିଷ ମହାକୁଡ, ରାଜେନ୍ଦ୍ର ମହାକୁଡ,ଶ୍ୟାମସୁନ୍ଦର ସେଠୀ, ସୁକାନ୍ତ ନାୟକ, ଲକ୍ଷ୍ମୀଧର ବାରିକ, ଅଞ୍ଜନା ମହାକୁଡ ପ୍ରମୁଖ ଉପସ୍ଥିତ ରହି ଅର୍ପଣ କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପାଦିତ କରିଥିଲେ। ରଥଟି କୋରୁଆ ଭାଗବତ ଟୁଙ୍ଗିରୁ ଆରମ୍ଭ ହୋଇ ଗୋବିନ୍ଦପୁରର ଭିନ୍ନ ଭିନ୍ନ ୱାର୍ଡ ପରିକ୍ରମା କରି ଅକ୍ଷତ ସଂଗ୍ରହ କରିଥିଲା।

## ଶ୍ରେୟାଂସୀ ବୃତ୍ତି ପରୀକ୍ଷାରେ ବ୍ଲକରେ ୨ୟ

**ଆରଡ଼ି,୧୧।୧(ସମିସ):** ଚାନ୍ଦବାଲି ବ୍ଲକ ଆରଡ଼ି ପହଣା କ୍ଲଷ୍ଟର ଅଧୀନରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ ଶ୍ରେୟାଂସୀ ଦାଶ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ



ଉତ୍ତୀର୍ଣ୍ଣ ହେବା ସହିତ ବ୍ଲକରେ ୨ୟ ସ୍ଥାନ ଅଧିକାର କରିଥିବା ସୂଚନା ଦେଇଛନ୍ତି ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ। ଏହି ଖବର ପାଇବା ପରେ ଶ୍ରେୟାଂସୀଙ୍କ ଜେଜେମା ଦ୍ରୌପଦୀ ଦାଶ, ବଡବାପା ଅଧାପକ ବିଜୟ କୁମାର ଦାଶ, ଅଜୟ ଦାଶ, ସିଆର୍‌ସିସି ମଙ୍ଗୁଳି ଚରଣ ସେଠୀ, ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ରେଣୁବାଳା ସାମଲ, ଗୁରୁଜୀ ଜଗବନ୍ଧୁ ବାରିକ, ଉମାକାନ୍ତ ମଲ୍ଲିକ, ତଥାଗତ ବିଶ୍ୱାଳ, ସୁନୀତା ବାରିକ,ମାଳତୀ ମହାକୁଡ, ରୋଜାଲିନ୍ ପାଢୀ, ସ୍ୱପ୍ନାରାଣୀ ଖଟୁଆ, ସାଗରିକା ଖଟୁଆ, ପଙ୍କଜ ନାୟକ ପ୍ରମୁଖ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, ଏଥିପୂର୍ବରୁ ଶ୍ରେୟାଂସୀ ସରକାରୀ ଆଦର୍ଶ ପରୀକ୍ଷା ଓ ଜବାହର ନବୋଦୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପାଇଁ ଗୌରବ ଆଣିଥିଲେ। ଶ୍ରେୟାଂସିଙ୍କ କୃତୀତ୍ୱକୁ ନେଇ ତାଙ୍କ ମା' ଅନିତା ଦାଶ ଓ ବାପା ସଞ୍ଜୟ ଦାଶ ଶିକ୍ଷାଧିକାରୀ ଓ ଶିକ୍ଷାକେନ୍ଦ୍ରର ସମସ୍ତ ଗୁରଜୀ, ଗୁରୁମାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ହାଇସ୍କୁଲ ପରିସରରୁ ଗଛ କଟା ନେଇ ଅଭିଯୋଗ

**ଭଦ୍ରକ,୧୧।୧(ସମିସ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କୋହ୍ଲ ହାଇସ୍କୁଲ ପରିସରରୁ ବହୁ ମୂଲ୍ୟବାନ ଗଛ କଟା ହୋଇଛି। ଏ ସମ୍ପର୍କରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ,



ଭଦ୍ରକ ବନ ଅଧିକାରୀ, ତିହିଡି ତହସିଲଦାରଙ୍କଠାରେ ଅଭିଯୋଗ ହୋଇଛି। ଏହା ତିହିଡି ବ୍ଲକର ଏକ ସର୍ବପୁରାତନ ସରକାରୀ ହାଇସ୍କୁଲ। ଏହି ସ୍କୁଲର ରୂପାନ୍ତରଣ କାମ ସରିଯାଇଛି। ସେତେବେଳେ ଏଠାରେ ଗଛ କଟା ହୋଇ ନ ଥିଲା। ଏଠାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଏଇ ଗଛ କଟାଇଥିବା ଅଭିଯୋଗରେ ଉଲ୍ଲେଖ ଅଛି। ସ୍କୁଲ ପରିସରରେ ଥିବା ଶାଗୁଆନ, ଆକାଶିଆ ଆଦି ମୂଲ୍ୟବାନ ଗଛ କଟା ଯାଇଥିବା ଜଣାଯାଇଛି। ଫଳରେ ବିଦ୍ୟାଳୟ ପରିସର ସବୁଜ ବିହୀନ ହୋଇପଡ଼ିଛି। ଏଇ ଗଛ କଟା ଯିବା ଘଟଣାର ତଦନ୍ତ ଦାବି ପାଇଁ ସ୍ଥାନୀୟ ଅଞ୍ଚଳବାସୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି କୁହନ୍ତି ଗଛ କଟା ହେବା ପୂର୍ବରୁ ଭଦ୍ରକ ଡିଏଫ୍‌ଓ, ତିହିଡି ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରାଯାଇ ଥିଲା। ପରିଚାଳନା କମିଟିର ବୈଠକ ଡକା ଯାଇ ଏପରି ନିଷ୍ପତି ନିଆଯାଇଛି। ଗଛ କାଟିବା ପାଇଁ ଆମକୁ ବିଭାଗ ପକ୍ଷରୁ ଅନୁମତି ମିଳିଛି।

## ଦିବ୍ୟାଙ୍ଗ ପିଲାମାନଙ୍କର ଆମୋଦ ଭ୍ରମଣ



**ଧାମନଗର,୧୧।୧(ସମିସ):** ଧାମନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୧୧୦ଜଣ ଦିବ୍ୟାଙ୍ଗ ପିଲା ଓ ତାଙ୍କର ଅଭିଭାବକ ମାନଙ୍କୁ ନେଇ କାର୍ଯ୍ୟାଳୟ ତରଫରୁ ଆମୋଦ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଟଗାଁ ଠାରେ ମା'ତାରିଣୀ ପୀଠ ଦର୍ଶନ ପରେ ଗୁଣ୍ଡିଚାଘାଇ ଜଳପ୍ରପାତ ଭ୍ରମଣ ସହିତ ଭୋଜିଭାତର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଜେନାଙ୍କ ତତ୍ତ୍ୱାବଧାନରେ ମଣ୍ଡଳ ସମ୍ବଳ ଶିକ୍ଷକ, ପ୍ରଦୀପ୍ତ ରାଉତ, ବିପ୍ରଚରଣ ଦଳେଇ, ହିସାବ ରକ୍ଷକ ରାଜୀବ ନାୟକ, ରତିକାନ୍ତ ସ୍ୱାଇଁ, ଅଭୟ ବେହେର. ହରମୋହନ ପତି, ନିରୂପମା ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଭଦ୍ରକ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଆଇବି ସଂଯୋଜକ ଜଳନ୍ଧର ମଣ୍ଡଳ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ସମାଜସେବୀ ନବଘନ ସାହୁଙ୍କ ଏକାଦଶାହ

**ଭଦ୍ରକ, ୧୧।୧ (ସମିସ):** ଘଣ୍ଟେଶ୍ୱରର ବିଶିଷ୍ଟ ସମାଜସେବୀ ନବଘନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ଅଶ୍ରୁଳ ସ୍ମୃତିଚାରଣ ସଭା ଶିକ୍ଷାବିତ ନୃସିଂହ ଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର,



ଘଣ୍ଟେଶ୍ୱର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ପାଣିଗ୍ରାହୀ, ପ୍ରବଚକ ସୁଧାକର ଧନୀ, ପ୍ରାକ୍ତନ ଶିକ୍ଷକ ନରେନ୍ଦ୍ର ମହାନ୍ତି, ରଘୁନାଥ ମିଶ୍ର, ସନ୍ୟାସୀ ବାରିକ, ଅଭିନେତା ଓ ପ୍ରଯୋଜକ ଲକ୍ଷ୍ମଣ ସାହୁ, ଶିକ୍ଷାବିତ ଅତୁଲ ପରିଡା, ଅଧାପିକା ସଂଯୁକ୍ତା ଭାରତୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ନିଜର ଶୋକ ବ୍ୟକ୍ତ କରିଥିଲେ। ସ୍ୱର୍ଗତ ସାହୁ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅନୁଷ୍ଠାନପ୍ରେମୀ ବ୍ୟକ୍ତି ଥିଲେ। ତାଙ୍କରି ଉଦ୍ୟମରେ କରଞ୍ଜଆଡ଼ଆରେ ନବଘନ କଲେଜ ଓ ଘଣ୍ଟେଶ୍ୱର ଠାରେ ଘଣ୍ଟେଶ୍ୱର କଲେଜ ଜନ୍ମଲାଭ କରିଥିଲା। ତାଙ୍କର ବିୟୋଗରେ ଘଣ୍ଟେଶ୍ୱରର ଏକ ଅପୂରଣୀୟ କ୍ଷତି ଘଟିଲା ବୋଲି ଶୋକ ସନ୍ତପ୍ତ ବକ୍ତା ମାନେ ମତ ପ୍ରକାଶ କରିଥିଲେ। ସ୍ୱର୍ଗତ ସାହୁଙ୍କର ଜେଷ୍ଠପୁତ୍ର ବିଶିଷ୍ଟ ବ୍ୟବସାୟୀ ଶୈଳେନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

**● ସାବରଙ୍ଗ ବଜାର ଚୋରି ଘଟଣା**

## ୩ ଲୁଟେରାଙ୍କ ସହ ୫ ଗିରଫ

**ଭଦ୍ରକ,୧୧।୧(ସମିସ):** ଗତ ନୂଆବର୍ଷରେ ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନରେ ୨ଟି ବଡ ଦୋକାନରୁ ଚୋରି ହୋଇଥିଲା। ଏହି ଚୋରି ମାମଲାରେ ସାବରଙ୍ଗ ପୁଲିସ ୩ଜଣ ଲୁଟେରା ଓ ଚୋରି ସାମଗ୍ରୀ କ୍ରୟ କରିଥିବା ୨ଜଣ ରିସିଭରଙ୍କୁ ମିଶାଇ ମୋଟ ୫ଜଣଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ଏହି ୫ଜଣଙ୍କୁ ସାବରଙ୍ଗ ପୁଲିସ କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

ସୂଚନାନୁଯାୟୀ, ସାବରଙ୍ଗ ବଜାରରେ ଥିବା ଦୀପକ ପାଢୀଙ୍କ ଗ୍ରୋସରୀ ଦୋକାନରେ ଗତ ୨ତାରିଖ ବିଳମ୍ବିତ ରାତିରେ ଟଙ୍କା, କମ୍ପ୍ୟୁଟର ଓ ଅନ୍ୟାନ୍ୟା ଦୋକାନ ସାମଗ୍ରୀ ଚୋରି ହୋଇଥିଲା। ୩ତାରିଖରେ ଦୀପକ ସାବରଙ୍ଗ ଥାନାରେ ଏତଲା କରିବା ପରେ ପୁଲିସ ଘଟଣାରେ ଏକ ମାମଲା (ନଂ-୧/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଭଳି ସେଠାକାର ଜଗନ୍ନାଥ ବିଶ୍ୱାଳଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ଆଉ ଏକ ମାମଲା (ନଂ-୭/୨୪)ରୁଜୁ ହୋଇଥିଲା । ତେବେ ଉଭୟ ମାମଲାରେ ଚୋରି ସମାନ ଢଙ୍ଗରେ ହୋଇଥିବାରୁ ପୁଲିସ ଜାଣିବା ପରେ ଘଟଣାରେ ୩ଜଣ ଲୁଟେରାଙ୍କୁ ଗିରଫ୍ କରିଥିଲା। ଏହି ଲୁଟେରାଙ୍କ ନିକଟରୁ ୫୦ହଜାର ଟଙ୍କା, ୫ଟି ମୋବାଇଲ ଫୋନ, କିଛି ପରିମାଣର ଅଳଙ୍କାର ସହ ଚୋରି ହୋଇଥିବା ଗ୍ରୋସରୀ ସାମଗ୍ରୀକୁ ସାବରଙ୍ଗ ପୁଲିସ ଜବତ କରିଥିଲା। ଗିରଫ ଲୁଟେରାମାନେ ହେଲେ ତିହିଡି ଥାନା ହାଟୁଆରି ଅଞ୍ଚଳର ବଳରାମ ମଳିକ, ଉତ୍ତମ କୁମାର ମହଳିକ ଓ ବିବେକ ମହାଳିକ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ଏହି ୩ ଲୁଟେରାଙ୍କ ଠାରୁ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ତିହିଡି ଥାନା ବିଦାଙ୍ଗ ଅଞ୍ଚଳର ଧନେଶ୍ୱର ନାୟକ ଓ ସାବରଙ୍ଗ ଥାନା ଅଧିନ ସେରପୁର ଗାଁର ମନୋରଞ୍ଜନ ନାୟକଙ୍କୁ ମଧ ପୋଲିସ ଗିରଫ କରିଛି। ଏନେଇ ଆଜି ସାବରଙ୍ଗ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍‌ପି ବାମଦେବ ସିଂ ଓ ସାବରଙ୍ଗ ଆଇଆଇସି ରୀନା ବକ୍ସାଲ ସୂଚନା ଦେଇଛନ୍ତି।

**● ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା**

## ମହୋତ୍ସବ ମାଧ୍ୟମରେ ପରିଚୟ ସୃଷ୍ଟି ହୋଇଥାଏ

**ଭଦ୍ରକ,୧୧।୧(ସମିସ):** ମହୋତ୍ସବ ମାଧ୍ୟମରେ କୁନି କୁନି ପିଲା ଓ କଳାକାର ମାନଙ୍କର ପରିଚୟ ସୃଷ୍ଟି ହେବା ସହିତ ଆୟୋଜକ ମାନଙ୍କର ମଧ ପରିଚୟ ସୃଷ୍ଟି ହୋଇଥାଏ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟିର ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ମୁଖ୍ୟ ବକ୍ତା ଭାବେ ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଜାନକୀ ପାଢ଼ୀ, ମନୋରମା ରାୟ, ସଦସ୍ୟା ତେଜସ୍ୱିନୀ ଦାସ, ସସ୍ମିତା ବଳ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସ୍ମୃତିରଞ୍ଜନ ସାହୁ, ଡ.ହରିହର ନାୟକ, ଉମା କଲ୍ୟାଣ ମହାପାତ୍ର, କମିଟିର ସାଂସ୍କୃତିକ ସମ୍ପାଦକ ରାମନାରାୟଣ




ମହାନ୍ତି, ସୀତାକାନ୍ତ ପାଢ଼ୀ, ଆବାହକ ଅବିନାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, ଜଗବନ୍ଧୁ ବେହେରା, ପ୍ରଭାତ ଦାସ, ରାଜେଶ ଦାସ, ଶୁଭଦୀପ ମଲ୍ଲିକ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭଦ୍ରକ ସାଇ ଏକାଡେମୀ ଗ୍ରୁପର ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।

**ଧାନ କିଣାକୁ ନେଇ ବଢୁଛି ଅସନ୍ତୋଷ**

## କଟ୍‌ନିଛଟ୍‌ନିକୁ ନେଇ ଆନ୍ଦୋଳନ ଚେତାବନୀ

**ଅସୁରାଳି,୧୧।୧(ସମିସ)**

ଧାମନଗର ବ୍ଲକରେ ବିଭିନ୍ନ ସମବାୟ ସମିତିରେ ଧାନ କିଣାକୁ ନେଇ ଧୀରେ ଧୀରେ ଚାଷୀଙ୍କ ମନ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଧାମନଗରରେ ୧୨ ସୋସାଇଟି, ୨ ଏସ୍‌ଏଚ୍‌ଜି ଗ୍ରୁପ ଧାନ କିଣୁଛି। କିଛି ମଣ୍ଡିରେ ଧାନ କିଣା ଯାଉଥିବା ବେଳେ ଆଉ କିଛି ମଣ୍ଡିରେ ମିଲରଙ୍କ ଦେଖା ନାହିଁ କି କିଣା ନାହିଁ। ଚାଷୀ ଜଣେ ମଣ୍ଡିକୁ ଧାନ ନେଇ ଆସିଲା ବେଳକୁ ସମ୍ପାଦକ ଏବଂ ମିଲରଙ୍କ ମଧୁଚନ୍ଦ୍ରିକା ହେତୁ ନିରୀହ ଚାଷୀଟି ବଳି ପଡୁଛି। କୋଠାର ସୋସାଇଟିରେ ୬ କିଲୋ, ବରଗଡା ସମବାୟସମିତିରେ ୬ କିଲୋ, ଚୁଡକୁଟି ସମବାୟସମିତିରେ ୬ରୁ ୯ କିଲୋ କଟା ଯାଉଥିବା ଅଭିଯୋଗ ହୋଇଛି। ତେବେ



ଚାଷୀଟି ଧାନ ବୁଣିବା ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ସବୁଥିରେ ନିଜର ଝାଳ ବୁହା ଶ୍ରମକୁ ବିନିଯୋଗ କରି ଖରା ବର୍ଷା ଶୀତ କାକରକୁ ଭ୍ରୂକ୍ଷେପ ନକରି ଅନବରତ ପରିଶ୍ରମ କରୁଛି। ମାତ୍ର ଅମଳ ହେଲା କ୍ଷଣି ମଣ୍ଡିରେ ତାର ଶ୍ରମର ସରକାରୀ ଧାର୍ଯ୍ୟ ପ୍ରାପ୍ୟ ମିଳି ପାରୁନି। ପୁନଶ୍ଚ ପରିବହନ ଖର୍ଚ୍ଚ, ଓଜନ ଖର୍ଚ୍ଚ, ତା'ସହିତ ହାତ ଗୁଞ୍ଜା ନ ଦେଲେ ଧାନ ବସ୍ତାରେ ହାତ ମାରୁ ନାହାଁନ୍ତି। ମଣ୍ଡି କର୍ମଚାରୀ ବର୍ଷ ସାରା ପରିଶ୍ରମର ମୂଲ୍ୟକୁ ଆଖିଆଗରେ ସରକାର କଟନିକୁ କାଟି ଦେଇଥିବା ବେଳେ ସମବାୟ ସମିତି ମାନଙ୍କରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରିମାଣର କଟଣି ଛଟନିକୁ ନେଇ ବଢୁଛି ଅସନ୍ତୋଷ। ଗରିବ ଚାଷୀଟି ଏ ତାର ଶ୍ରମର ଯଥାର୍ଥ ପାଉଣା ପାଇବାରୁ ବଞ୍ଚିତ ହେଉଛନ୍ତି। ପୁଣି ବହୁ ଚାଷୀ କୌଣସି ଉପାୟ ନ ପାଇ ଖୋଲାରେ କ୍ୱିଣ୍ଟାଲ ପିଛା ୧୮୦୦ ଟଙ୍କାରେ ବାଧ ହୋଇ କମ ଦରରେ ଧାନ ବିକ୍ରି କରୁଥିବା ଜଣାଯାଇଛି। ତେଣୁ ସରକାରଙ୍କ ନିୟମାବଳୀକୁ ମିଲର ଓ ସମବାୟ ସମିତି ସମ୍ପାଦକ ପାଳନ କରୁନଥିବା ଅଭିଯୋଗ ହୋଇଛି। ଏଦିଗରେ ତଦନ୍ତ ନହେଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସୂଚନା ମିଳିଛି।

ଜୟ ଜଗନ୍ନାଥ ଅର୍ପଣ ରଥ

# ଜଗନ୍ନାଥପ୍ରେମୀଙ୍କ ଅକ୍ଷତ, ଗୁଆ ଅର୍ପଣ

**ସୁକିନ୍ଦା, ୧୧।୧(ସମିସ)**

ଗୁରୁବାର ଅପରାହ୍ନରେ ସୁକିନ୍ଦା ଜଗନ୍ନାଥ ମନ୍ଦିରରୁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଜନସାଧାରଣଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ହୋଇଛି। ସୁକିନ୍ଦା ବ୍ଲକର ସମସ୍ତ ପଞ୍ଚାୟତରେ ଏହି ରଥ ବୁଲି ସଚେତନତା ବାର୍ତ୍ତା ଦେବ। ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏନେଇ ଗୁରୁବାର ସନ୍ଧ୍ୟାରେ ସୁକିନ୍ଦା ବ୍ଲକରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ସୁକିନ୍ଦା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏ ଅବସରରେ ସମସ୍ତ ପଞ୍ଚାୟତର ମହିଳା ଓ ଜଗନ୍ନାଥପ୍ରେମୀ ବଡ଼ଦାଣ୍ଡ ଓ ଗାଁ ରାସ୍ତାରେ ମୁରୁଜ, ଝୋଟି ଚିତା ପକାଇ କଳସ ବସାଇ ରଥକୁ ସ୍ୱାଗତ କରିଥିଲେ। ଘଣ୍ଟ, ସଂକୀର୍ତ୍ତନର ତାଳେ ତାଳେ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଛି ସମଗ୍ର ସୁକିନ୍ଦା ଅଞ୍ଚଳ। ଲୋକେ ଶ୍ରଦ୍ଧାର ସହ ଅକ୍ଷତ ଓ ଗୁଆ, ନଡ଼ିଆ ପ୍ରଦାନ କରିଛନ୍ତି। ରଥ ପରିକ୍ରମା ସମୟରେ ମହିଳାମାନେ ବନ୍ଦାପନା କରିବା ସହ ହାତରେ ଅରୁଆ ଚାଉଳ, ଗୁଆ ଅର୍ପଣ କରିଥିଲେ। ସୁକିନ୍ଦା ବିଡିଓ ନର୍ମଦା ମୋଦିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ସ୍ୱାଧୀନ ଦାସ, ବ୍ଲକ ସଭାପତି ବିବେକାନନ୍ଦ ବୋଷଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ବହୁ ଜଗନ୍ନାଥପ୍ରେମୀ ଯୋଗ ଦେଇଥିଲେ।

**କୁନ୍ଦଳ:** ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ ପାଇଁ ପଞ୍ଚାୟତର ବିଭିନ୍ନ ଗ୍ରାମର ଘର ଘରକୁ ଯାଇ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅକ୍ଷତ ଓ ଗୁଆ ଗ୍ରହଣ କରାଯାଇଛି। ପାଥପୁର ଜଗନ୍ନାଥ ମନ୍ଦିରରୁ ରଥ ପୂଜାର୍ଚ୍ଚନା କରାଯାଇ ବାଜା, ବାଣ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ବେଙ୍ଗପୁର, ରଇପୁର, ପଟଣା ପ୍ରଭୃତି ଗ୍ରାମର ବିଭିନ୍ନ ଜଗନ୍ନାଥ ମନ୍ଦିର, ମହାପୁରୁଷ, ଗ୍ରାମଦେବତୀ, ମଠ ମନ୍ଦିର ପ୍ରମୁଖରେ ପହଞ୍ଚିବା ପରେ ରଥକୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଗ୍ରାମର ଘରକୁ ଘର ରଥ ପରିକ୍ରମା ସମୟରେ ଶଙ୍ଖ ହୁଳୁହୁଳି ସହ ଗ୍ରାମବାସୀ ଶ୍ରଦ୍ଧାର ସହିତ ଅକ୍ଷତ ଓ ଗୁଆ ସମର୍ପଣ କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ଆମ୍ା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ସରପଞ୍ଚ ବିଭୂପ୍ରସାଦ ଦାସ, ସମିତି ସଭ୍ୟ ବିଚିତ୍ରାନନ୍ଦ ଜେନା, ଅଶୋକ ମହାନ୍ତି, ବିଜୟ ମହାନ୍ତି, ଜ୍ଞାନେନ୍ଦ୍ର ଦାଶ, ସମରେନ୍ଦ୍ର ମହାନ୍ତି, ଦୀପକ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବାରବାଟୀ:** ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପ୍ରକ୍ରିୟା ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତରେ ଆଜି ଆରମ୍ଭ ହୋଇଛି। ହାଟସିଂହାପୁର ଗ୍ରାମରୁ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଥିଲା। ରସୁଲପୁର ବ୍ଲକ ବିଜେଡି ଅଧ୍ୟକ୍ଷ ଲୋକନାଥ ପଣ୍ଡା ଉଦଘାଟନ କରିଥିଲେ। ରସୁଲପୁର ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ଆଇନଶୃଙ୍ଖଳା ଓ ରଥ ପରିକ୍ରମାରେ ସହଯୋଗ କରିଥିଲେ। ଏଥିରେ ଓଡ଼ିଶୋ ପଞ୍ଚାୟତ ବିଜେଡି ସଭାପତି ଜ୍ଞାନରଞ୍ଜନ ରଥ, ଓଡିଶୋ ସରପଞ୍ଚ ଜିତେନ୍ଦ୍ର ନାୟକ, ସମିତି ସଭ୍ୟ କାଳୀପ୍ରସନ୍ନ ସାମଲ, ଯାଜପୁର ସାଂସଦଙ୍କ ରସୁଲପୁର ବ୍ଲକ ପ୍ରତିନିଧି ତଥା ଓଡିଶୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ପୂର୍ବତନ ରସୁଲପୁର ବ୍ଲକ ଉପାଧ୍ୟକ୍ଷ ସୂର୍ଯ୍ୟମଣି ପଣ୍ଡା, ପୂର୍ବତନ ସମିତି ସଭ୍ୟ ସୁମନ୍ତ କୁମାର ପଣ୍ଡା, ଧର୍ମଶାଳା ବିଜେଡି ଯୁବ ସଂଗଠକ ଗୁନ ପଣ୍ଡା, ସମାଜସେବୀ ବିନୟ କୁମାର ସାମଲ ପ୍ରମୁଖଙ୍କ ସହ ବହୁ ଜଗନ୍ନାଥପ୍ରେମୀ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଅର୍ପଣ ରଥ ହାଟସିଂହାପୁର, ଓଡିଶୋ ଅଣ୍ଡେଇଗୋଡା, ଅଡ଼ିଆ କୃଷ୍ଣନପୁର୍ ୧୧ଟି ୱାର୍ଡ ପରିକ୍ରମା କରିଥିଲା।


ବରୀ


କୁନ୍ଦଳ


ବାଲିଚନ୍ଦ୍ରପୁର


ବାରବାଟୀ


ଚଢ଼େଇଧରା

**ଚଢ଼େଇଧରା:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ଉପଲକ୍ଷେ ସାରା ରାଜ୍ୟରେ ୩୧୪ଟି ବ୍ଲକରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ଏହି ଐତିହାସିକ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣଙ୍କ ସହଯୋଗ ପାଇଁ ଗାଁଠାରୁ ସହର ରଥ ପରିକ୍ରମା କରି ପ୍ରତ୍ୟେକ ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛନ୍ତି। ଧର୍ମଶାଳା ବ୍ଲକର ୧୨ନଂ ଜୋନର ବୃନ୍ଦଦେଇପୁର, ସହଣୀଡିହ, ଅଣ୍ଟିଆ, କମାଗଡ଼, ବଉଳମାଳ, ଗଡ଼ମଧୁପୁର, ମହିସରା, ସମ୍ପାରୁ ଆଦି ୯ଟି ପଞ୍ଚାୟତରେ ଏହି ରଥ ପରିକ୍ରମା କରିଛି। ପ୍ରତ୍ୟେକ ଗାଁରେ ଏହି ରଥ ପହଞ୍ଚିବା ପରେ ହରିବୋଲ, ହୁଳହୁଳି, ଶଙ୍ଖ ଧ୍ୱନି, ସଂକୀର୍ତ୍ତନ ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ୧୨ନଂ ଜୋନର ଗଡ଼ମଧୁପୁର ପଞ୍ଚାୟତରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏହି ଅର୍ପଣ ରଥ ପରିକ୍ରମାରେ ସାମିଲ ହୋଇଥିଲେ। ୧୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରଣତୀ ଲେଙ୍କା, ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତବାସୀ ସହଯୋଗ କରିଥିଲେ। ୧୨ନଂ ଜୋନର ସଂଯୋଜକ ପ୍ରହଲାଦ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଯଖପୁରା


ଧର୍ମଶାଳା

**ବାଲିଚନ୍ଦ୍ରପୁର:** ଆସନ୍ତା ୧୭ ତାରିଖରେ ଲୋକାର୍ପିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ସମସ୍ତ ବ୍ୟକ୍ତିଙ୍କୁ ସାମିଲ୍ କରିବା ଉଦ୍ଦେଶ୍ୟରେ ଘରକୁ ଘର ବୁଲୁଛି ଜଗନ୍ନାଥ ଅର୍ପଣ ରଥ। ଏଥିପାଇଁ ବାଲିଚନ୍ଦ୍ରପୁର ଅଞ୍ଚଳରେ ଆଜି ଅର୍ପଣ ରଥ ପରିକ୍ରମା କରିଛି। ସମସ୍ତ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯାଉଛି। ରଥକୁ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି। ମହିଳାମାନେ ଝୋଟି ଓ ମୁରୁଜ ପକାଇ ରଥକୁ ସ୍ୱାଗତ କରୁଥିବା ପରିଲକ୍ଷିତ ହେଉଛି। ଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ନୂତନ ଉନ୍ମାଦନାର ସହ ଜଗନ୍ନାଥପ୍ରେମୀ ଜଗନ୍ନାଥ ରଥ ଅନୁରୂପ (ଅର୍ପଣ ରଥ) ସହ ସଂକୀର୍ତ୍ତନ ମଣ୍ଡଳୀର ତାଳେ ତାଳେ ନିଜକୁ ଜଗନ୍ନାଥଙ୍କ ସେବାରେ ହଜାଇ ଦେଇଛନ୍ତି। ଏହି ପରିକ୍ରମା ରଥ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ଯୋଡିବା ସହିତ ଘରକୁ ଘର ବୁଲି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ସଚ୍ଚିଦାନନ୍ଦ ରାୟ, ରବୀନ୍ଦ୍ର ଜେନା, ପଙ୍କଜ ଜେନା, ଯତିନ୍ଦ୍ର ରାୟ, ଅନୟ ଜେନା, ଜୟଦେବ ମହାପାତ୍ର, ପଙ୍କଜ ମଲ୍ଲିକ, କେଶବ ମହାରଣା ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।

**ଯଖପୁରା:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଗି ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତରେ ଆଜି ଜଗନ୍ନାଥ ଅର୍ପଣ ରଥ ଗଡ଼ିଛି। ଅର୍ପଣ ରଥକୁ ଦାନଗଦି ବ୍ଲକ ଉପାଧ୍ୟକ୍ଷ ଅଜୟ ବିନ୍ଧାଣୀ ଉଦ୍‌ଘାଟନ କରିଥିଲେ। ରଥ ପ୍ରଥମେ ନୀଳମଣିଦେଇପୁର ଶାସନ ହରିଗୋଷାଇଁ ମନ୍ଦିର ପାଖରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଅର୍ପଣ ରଥ ପରିକ୍ରମା ବେଳେ କୀର୍ତ୍ତନ, ଶଙ୍ଖ, ହୁଳାହୁଳିରେ ଏକ ଆଧ୍ୟାତ୍ମିକ ପରିବେଶରେ ଶତାଧିକ ଲୋକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଟିମ୍ ବଡଚଣା ଅଧ୍ୟକ୍ଷ ଆଦିତ୍ୟ ଶତପଥୀ, ୧୯ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା କଦମ୍, ଜିଆରଏସ ଅନୀତା ନାୟକ, ପୂର୍ବତନ ସରପଞ୍ଚ ଫନିନ୍ଦ୍ର ନାଥ ପଣ୍ଡା, ସମିତିସଭ୍ୟ ବନ୍ଦିତା ମହାରଣା, ଅମୀୟ ବିଶ୍ୱାଳ, ଅକ୍ଷୟ ଷେଣ୍ଠ ପ୍ରମୁଖ ସାମିଲ ହୋଇଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକ ଖାନନଗରସ୍ଥ ମା' ସୁନାମୁଖୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ। ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମରେ କଡ଼ମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ସମିତିସଭ୍ୟା ଜ୍ୟୋସ୍ନାରାଣୀ ଦାସ, ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ବିରଜା ମଲ୍ଲିକ, ଖାନନଗରର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ରବୀନ୍ଦ୍ର ସାହୁ, ଅଲେଖ ମଲ୍ଲିକ, ଅମିନ ମଲ୍ଲିକ, ପରୀକ୍ଷିତ ଜେନା, ଅଶୋକ ସାହୁ, ପ୍ରମୋଦ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ଜଗନ୍ନାଥ ପରିକ୍ରମା ଅର୍ପଣ ରଥ ସହ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ଏହି ଅର୍ପଣ ରଥ ବିମ୍ବାଧରପୁର, ଖାନନଗର ତଳସାହି, ଓପରସାହି, ଗୋବିନ୍ଦପୁର, ମଲ୍ଲିକ ସାହି ଆଦି ଗ୍ରାମ ପରିକ୍ରମା କରିଥିବାବେଳେ ରଥକୁ ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ଗ୍ରାମର ମହିଳା ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ଓ ଶତାଧିକ ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ପଞ୍ଚାୟତ ସ୍ତରରେ ଶେଷ ହୋଇଛି ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ। ଗତ ୬ ତାରିଖଠାରୁ ଏହା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ବ୍ଲକର ୪୫ଟି ପଞ୍ଚାୟତରେ ପର୍ଯ୍ୟକ୍ରମେ ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜଗନ୍ନାଥଙ୍କ ଅର୍ପଣ ରଥ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିଲା। ଶ୍ରୀଜଗନ୍ନାଥଙ୍କ ଭଜନ କୀର୍ତ୍ତନରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଉଠିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଗାଁଗଣ୍ଡା ପ୍ରକମ୍ପିତ। ଆଜି ଶେଷ ଦିନରେ ଧର୍ମଶାଳା ବ୍ଲକର ଭବାନୀପୁର, ଚୋରମୁହାଁ, ବଡକାଏମା, ବୃନ୍ଦାଦେଇପୁର, ରେଖିଦେଇପୁର ଓ ସୁନ୍ଦରିଆ ଆଦି ୬ଟି ପଞ୍ଚାୟତରେ ପରିକ୍ରମା ରଥ ଦ୍ୱାରା ଅକ୍ଷତ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତାକାଲି ଏସବୁ ପଞ୍ଚାୟତରେ ଶେଷ ହେବ। ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ସେହିପରି ଆସନ୍ତାକାଲିଠାରୁ ବ୍ଲକ ସ୍ତରରୁ ଜୋନ ସ୍ତରକୁ ବ୍ଲକସ୍ତରୀୟ ଅର୍ପଣ ରଥ ଗଡ଼ିବ। ୧୨ତାରିଖରେ ୧୩ ନମ୍ବର ଜୋନର ୮ଟି ପଞ୍ଚାୟତରୁ ଏହି ବ୍ଲକସ୍ତରୀୟ ରଥ ଚାଉଳ ଓ ଗୁଆ ସଂଗ୍ରହ କରିବ। ପଞ୍ଚାୟତର ପୂର୍ବ ସ୍ଥିରୀକୃତ ସ୍ଥାନରେ ଏହି ରଥ ପହଞ୍ଚିବ। ସକାଳ ୯ଟାରେ କୁମାରୀଠାରୁ ଏହା ଆରମ୍ଭ ହେବ। ସବୁ ପଞ୍ଚାୟତ ମୁଖ୍ୟ ବଜାର ପରିକ୍ରମା କରି ଅପରାହ୍ନ ୩.୩୦ରେ ନାକପୋଲ ବଜାରରେ ଏହା ପହଞ୍ଚିବ। ସେହିପରି ୧୩ ତାରିଖରେ ରସୁଲପୁର ଜୋନ, ୧୪ ତାରିଖରେ ୧୧ ଓ ୧୨ ନମ୍ବର୍ ଜୋନ ଓ ୧୫ ତାରିଖରେ ୧୪ ଓ ୧୫ନମ୍ବର୍ ଜୋନରେ ଏହି ରଥ ପହଞ୍ଚି ପଞ୍ଚାୟତରୁ ସଂଗୃହୀତ ଚାଉଳ ଓ ଗୁଆ ସଂଗ୍ରହ କରି ଭଲୁଖାଇ ଜଗନ୍ନାଥ ମନ୍ଦିରକୁ ଆଣିବ। ସେଠାରେ ସବୁ ଗଚ୍ଛିତ ରହିବ। ୧୬ ଓ ୧୭ ତାରିଖ ଦୁଇଦିନ ଧରି ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି।


ମଙ୍ଗଳପୁର


ସୁକିନ୍ଦା

**ବରୀ:** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ସାରା ରାଜ୍ୟରେ ବୁଲୁଥିବା ଜୟ ଜଗନ୍ନାଥ ଅର୍ପଣ ରଥକୁ ବରୀ ବ୍ଲକର ବିଭନ୍ନ ପଞ୍ଚାୟତରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ଧାରପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗଡ଼ିଛି ଜୟ ଜଗନ୍ନାଥ ଅର୍ପଣ ରଥ। ଏକ ଆଧ୍ୟାତ୍ମିକ ପରିବେଶରେ ରଥ ବୁଲିଥିବାବେଳେ ପ୍ରତ୍ୟେକ ଗ୍ରାମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମୟରେ କୀର୍ତ୍ତନ, ଶଙ୍ଖ, ଘଣ୍ଟ, ହୁଳହୁଳିରେ ସମଗ୍ର ଗ୍ରାମ ପରିବେଶ ଭକ୍ତିମୟ ହୋଇ ପଡ଼ିଥିବାବେଳେ ନଡିଆ, ଧୂପ, ଦୀପ, ଫୁଲ ଚନ୍ଦନ ବନ୍ଦାପନା ଦେଇ ପ୍ରଭୁ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପୂର୍ବକ ଅରୁଆ ଚାଉଳ, ଗୁଆ ସମର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବରୀ ବିଡ଼ିଓ ପଞ୍ଚାନନ ମଲିକ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶୋକ କୁମାର ସାମଲ, ସରପଞ୍ଚ କୁନା ମଲ୍ଲିକ, ସମିତି ସଭ୍ୟ ଶ୍ରୀଧର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡାଙ୍ଗି ମୂର୍ମୁ, ଗ୍ରାମ ରୋଜଗାର ସେବକ ତାପସ କୁମାର ସାମଲ, ପୁର୍ବତନ ସରପଞ୍ଚ ବିଜୟା ନନ୍ଦ ଜେନା, ୱାର୍ଡ ସଭ୍ୟ, ମିଶନ ଶକ୍ତି, ଏସଏଚଜି ମହିଳା ମାନେ ଉପସ୍ଥିତ ରହିଥିବା ବେଳେ ଶହ ଶହ ଜଗନ୍ନାଥ ପ୍ରେମୀ ଯୋଗଦାନ କରି ଜୟ ଜଗନ୍ନାଥ ଅର୍ପଣ ରଥକୁ ଗ୍ରାମ ପରିକ୍ରମା କରାଇଥିଲେ। ଏହି ପରିକ୍ରମା ଧାରପୁର ଗ୍ରାମର ଲୋକନାଥସ୍ୱର ମହାଦେବ ମନ୍ଦିରରୁ ବାହାରି ନାଥପୁର ସ୍ଥିତ ନାରାୟଣ ମନ୍ଦିରରେ ପହଞ୍ଚିଥିଲା। ବରୀର ଅନ୍ୟ ପଞ୍ଚାୟତ ମାନଙ୍କ ତୁଳନାରେ ଏହି ପଞ୍ଚାୟତରେ ସର୍ବାଧିକ ଜନ ସମାଗମ ଦେଖିବାକୁ ମିଳିଥିଲା।

